ସକାଳ THE SAKALA

ସମ୍ବଲପୁର

www.sakalaepaper.com

ତୃତୀୟ ଥର ରେଢ଼ାଖୋଲରେ ଲଢ଼ିବେ ରୋହିତ

# ସବୁଠି ଭବ୍ୟ ସ୍ୱାଗତ, ସମ୍ବର୍ଦ୍ଧନା







**ସମ୍ବଲପୁର, ୧୩।୪(ସମିସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥି ଭାବେ ବିଧାୟକ ତଥା ବିଜେଡି ଜିଲ୍ଲାସଭାପତି ରୋହିତ ପୂଜାରୀଙ୍କୁ ପ୍ରାର୍ଥୀ କରିଛନ୍ତି। ପ୍ରାର୍ଥୀ ହେବା ପରେ ଶନିବାର ସମ୍ବଲପୁର ଜିଲ୍ଲାକୁ ରୋହିତ ଫେରିଥିଲେ। ଫେରିବା ବାଟରେ ରେଢ଼ାଖୋଲ ଠାରୁ ଆରମ୍ଭ କରି ସମ୍ବଲପୁର ସହର ପର୍ଯ୍ୟନ୍ତ ବିଭିନ୍ନ ଛକରେ ବିଧାୟକ ରୋହିତଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ବିଜେଡି ଜିନ୍ଦାବାଦ, ନବୀନ ପଟ୍ଟନାୟକ ଜିନ୍ଦାବାଦ, ବବି ଦାସ ଜିନ୍ଦାବାଦ, ରୋହିତ ପୂଜାରୀ ଜିନ୍ଦାବାଦ ନାରା ଦେଇ ଥିଲେ ରୋହିତ ସମର୍ଥକ ଓ ଦଳୀୟ କର୍ମକର୍ତ୍ତା। ଲୋକମାନଙ୍କ ଭଲ ପାଇବା ବିଜେଡି ଓ ଦଳୀୟ ପ୍ରାର୍ଥି ରୋହିତଙ୍କ ପ୍ରତି ଅପୂର୍ବ ଦେଖା ଦେଇଥିଲା। ଜିଲ୍ଲା ସଭାପତି ତଥା ବିଧାୟକ ପ୍ରାର୍ଥୀଙ୍କୁ ସ୍ୱାଗତ କରିବା ପାଇଁ ବରିଷ୍ଠ, ଯୁବ, ମହିଳା କର୍ମକର୍ତ୍ତା ହଜାର ହଜାର ସଂଖ୍ୟାରେ ଯୋଗ ଦେଇଥିଲେ। ବାଇକ ରାଲି କରି ପାଛୋଟି ନେଇଥିଲେ। ସମଲେଇ ମନ୍ଦିର ଓ ପାଟଣେଶ୍ୱରୀ ମନ୍ଦିର ଯାଇ ସମର୍ଥକ ସହ ଦର୍ଶନ କରିଥିଲେ। ବିଜୟ ହେବାର ଆର୍ଶିବାଦ ଭିକ୍ଷା କରିଥିଲେ। ଏମତି ସନାହୁଲ୍ଲା, ପ୍ରଶାନ୍ତ ଥପ୍ପା, ପ୍ରଦ୍ୟୁଶ ମହାନ୍ତି, ବିକ୍ରମାଦିତ ପଣ୍ଡା, ହିମାଂଶୁ ପ୍ରଧାନ, ହେମନ୍ତ ପଣ୍ଡା, ପ୍ରକାଶ ପ୍ରଧାନ, ପ୍ରଫୁଲ ଦାସ, ଶାନ୍ତାନୁ ବଡପଣ୍ଡା, ସୁରେନ୍ଦ୍ର ବିଶ୍ୱାଳ, ମୁକୁନ୍ଦ ବେହେରା, ସଞ୍ଜୟ ଗଉଡ, ମମତା ପଣ୍ଡା, ଜିଲ୍ଲା ମହିଳା ସଭାନେତ୍ରୀ ଉଷା ପ୍ରଧାନ, ସଞ୍ଜୁକ୍ତା ମେହେର, ସ୍ୱେତା ନାଏକ, ପଦ୍ମା ମହାନନ୍ଦ, ପ୍ରମୋଦ ରାଉତ, ଅବତାବ ଆଲମ, ସୁବ୍ରତ ବକ୍ସି, ଛାତ୍ର ସଭାପତି ଶୁଭ୍ରାଂଶୁ ପାଢ଼ୀ, ଅନମୋଲ ଦାସ, ମାନସ ମହାପାତ୍ର, ରାଜେଶ ପଣ୍ଡା, କିଶୋର ପଣ୍ଡା, ଦେବାଶିଷ ପରିଡ଼ା, ମାନସ ମହାନ୍ତି, ସତ୍ୟଜିତ ମହାପାତ୍ର ପ୍ରମୂଖ ଉପସ୍ଥିତ ରହିଥିଲେ।

## ଯୁଯୁମୁରାରେ ଉତ୍ସାହିତ କର୍ମକର୍ତ୍ତା

**ଯୁଯୁମୁରା ୧୩।୪(ସିମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଯୁଯୁମୁରା ବ୍ଲକରେ ରୋହିତ ପୂଜାରୀଙ୍କୁ ସ୍ୱାଗତ କରାଯାଇଥିଲା। ହାତୀବାରି ଛକରେ ବାଣ ଫୁଟାଇ ବଜା ବଜାଇ ସ୍ୱାଗତ କରାଯାଇଥିଲା। ବ୍ଲକ ସଭାପତି ବିନୋଦ ବଡପଣ୍ଡା, ସୁଶିଲ ବେହେର. ଜିଲ୍ଲାପରିଷ ଉପସଭାପତି ମାଧବ ମିର୍ଦ୍ଧା, ପ୍ରଫୁଲ ମିର୍ଦ୍ଧା, ପ୍ରଫୁଲ ମଗର, ଡେବିଟ ଭର୍ଦ୍ଦା, ରଘୁବୀର ଭୋଇ, ଅୟସକାନ୍ତ ବଡପଣ୍ଡ, ପ୍ରତାପ, ଦିଲିପ ମିଶ୍ର, ତସାନନ ଖମାରୀ ପ୍ରମୂଖ ଉପସ୍ଥିତ ରହିଥିଲେ। ବାଜା ବଜାଇ ବାଣ ଫୁଟାଇ ସ୍ୱାଗତ କରିଥିଲେ। ପୁଣି ଥରେ ବିଧାୟକ ପ୍ରାର୍ଥୀଭାବେ ରୋହିତଙ୍କ ପାଇ ବେଶ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା।

## ରେଢ଼ାଖୋଲରେ ବିପୁଳ ସ୍ୱାଗତ



**ରେଢ଼ାଖୋଲ, ୧୩।୪(ସିମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବିଧାନସଭା ନିର୍ବାଚନ ମଣ୍ଡଳୀରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀଙ୍କୁ ତୃତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ବିଧାୟକ ପ୍ରାର୍ଥୀ ଭାବରେ ନାମ ଘୋଷଣା କରିଛନ୍ତି। ଶନିବାର ଦିନ ଶ୍ରୀ ପୂଜାରୀ ପ୍ରଥମ ଥର ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ଗସ୍ତ କରିଛନ୍ତି। ଏହି ଅବସରରେ ତାଙ୍କୁ ରେଢ଼ାଖୋଲରେ ବିଜେଡି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ପ୍ରଥମେ ଭୀମଭୋଇ କଲେଜ ଛକ ଠାରୁ ଶତାଧିକ ଦଳୀୟ କର୍ମୀଙ୍କୁ ନେଇ ଏକ ବିରାଟ ବାଇକ୍ ଶୋଭାଯାତ୍ରା ସହର ପରିକ୍ରମା କରିଥିଲେ। ଏହାପରେ ରେଢ଼ାଖୋଲ ଭୀମଭୋଇ ଛକ ସ୍ଥିତ ସନ୍ଥ କବି ଭୀମଭୋଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରୀ ପୂଜାରୀ ରେଢ଼ାଖୋଲ ଅଞ୍ଚଳର ବିକାଶ ପାଇଁ ୧୦ ବର୍ଷ ଧରି ସେ କାର୍ଯ୍ୟ କରି ଆସିଥିବା ବେଳେ ଆଗକୁ ବିକାଶଧାରା ଜାରି ରଖିବା ପାଇଁ ରେଢ଼ାଖୋଲବାସୀଙ୍କ ସହଯୋଗ ଓ ଆଶିର୍ବାଦ କାମନା କରିଥିଲେ। ଏହାପରେ ରେଢ଼ାଖୋଲ ଜଗନ୍ନାଥ ମନ୍ଦିର ଓ ରେଢ଼ାଖୋଲ ଇଷ୍ଟ ଦେବତା ପ୍ରଭୁ ପଞ୍ଚଖଣ୍ଡାଙ୍କ ମନ୍ଦିରକୁ ଯାଇ ଦର୍ଶନ କରିବା ସହିତ ଆଶିଷ କାମନା କରିଥିଲେ। ଏହା ପରେ ଚାରମାଳ ଠାରେ ମଧ ତାଙ୍କୁ ଶତାଧିକ ସଂଖ୍ୟାରେ ଦଳୀୟ କର୍ମୀ ଓ ଜନସାଧାରଣ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ରେଢ଼ାଖୋଲ ବ୍ଲକ ବିଜେଡ଼ି ସଭାପତି ଉଦିତ ତ୍ରିପାଠୀ, ନଗର ସଭାପତି ସିଦ୍ଧାର୍ଥ ପ୍ରଧାନ(ପିଣ୍ଟୁ), ଜିଲ୍ଲା ଉପସଭାପତି ଅନାଦି ସାହୁ, ନଗର ଯୁବ ସଭାପତି ବିକାଶ ଦାସ, ନଗର ଛାତ୍ର ସଭାପତି ଶିବଶମ୍ଭୁ ନନ୍ଦ, ପୂର୍ବତନ ଏନ୍ଏସି ଉପାଧ୍ୟକ୍ଷ ସୁନିଲ ପ୍ରଧାନ, ଆଦିତ୍ୟ ନାରାୟଣ ପ୍ରଧାନ, ସୁଭଦିପ୍ତ ଦେହୁରୀ(ଟିଟୁ), ସଞ୍ଜୟ ବେହେରା (ଦକ୍ଷ), ସଚିନ ପ୍ରଧାନ, ପ୍ରସନ୍ନଜିତ ବୀର, ବସନ୍ତ ପ୍ରଧାନ, କାଉନସିଲର ତପସ୍ୱିନୀ ମହାକୁଡ, ସୁଧାଂଶୁ ଶେଖର ଅମାତ, ସୁରେନ୍ଦ୍ର ମହାକୁଡ଼, ଚାରମାଳ ଠାରେ ରମାକାନ୍ତ ନନ୍ଦ, ସୈମେନ୍ଦ୍ରି ଜେନା, ଅଜିତ ଦେଓ, ହରିହର ରଣା, ଘନଶ୍ୟାମ ପ୍ରଧାନ, ଅମ୍ବୁଜ ନାୟକ ପ୍ରମୁଖ ସମେତ ଶତାଧିକ ବିଜେଡ଼ି କର୍ମୀ ମାନେ ଉପସ୍ଥିତ ଥିଲେ।

## ଟ୍ରକ ପଛକୁ ପିଟିଲା ପିକ୍ଅପ୍

**ଜମନକିରା, ୧୩।୪(ସମିସ):** ଜମନକିରା ଥାନା ୫୩ନଂ ଜାତୀୟ ରାଜପଥର ବଡରମା ଘାଟି ଉପର ମୁଣ୍ଡରେ ଏକ ମାଲବୋଝେଇ ଟ୍ରକକୁ ପଛରୁ ପିକଅପ ଗାଡି ଧକ୍କା ଦେବା ଫଳରେ ଡ୍ରାଇଭର ଓ ସହଯୋଗୀ କେବିନ ଭିତରେ ଚାପି ହୋଇ ରହିଯାଇଥିଲା। ତାକୁ ଜମନକିରା ଅଗ୍ନିଶମ ବାହିନୀ କେବିନ କାଟି ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଆହତ ଡ୍ରାଇଭର ଓ ସହଯୋଗୀଙ୍କ ପରିଚୟ ମିଳିପାରି ନାହିଁ। ସୂଚନାଯୋଗ୍ୟ ଯେ, ଶନିବାର ସକାଳ ୮ଟା ବେଳେ ବଡରମା ଘାଟି ଉପର ମୁଣ୍ଡରେ ସମ୍ବଲପୁର ଅଭିମୁଖେ ଯାଉଥିବା ଏକ ମାଲବୋଝେଇ ଟ୍ରକ ଛିଡା ହୋଇଥିଲା। ଦୃତଗତିରେ ଆସୁଥିବା ପିକଅପ ଗାଡି ନଂ( ଓଡି ୧୫ ଟି ୯୦୯୩) ଟ୍ରକକୁ ପଛରୁ ଜୋର ରେ ଧକ୍କା ଦେଇଥିଲା। ପିକଅପ ଟିର ସମ୍ମୁଖ ଭାଗ ଚାପି ହୋଇଯାଇଥିଲା। ଫଳରେ ପିକଅପ ଡ୍ରାଇଭର ଓ ସହଯୋଗୀ ଡ୍ରାଇଭର ଗୁରୁତର ଅବସ୍ଥାରେ ଚାପିହୋଇ ରହିଥିଲେ। ଖବର ପାଇ ଜମନକିରା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି କଟର ମେସିନରେ କେବିନ କାଟି ଫସି ରହିଥିବା ଡ୍ରାଇଭରକୁ ଉଦ୍ଧାର କରିଥିଲେ। ପରେ ୧୦୮ ଆମ୍ବୁଲାନ୍ସରେ ସମ୍ବଲପୁର ସ୍ଥାନାନ୍ତରିତ କରାଯାଇଛି। ଦୁର୍ଘଟଣା ପରେ ମାଲବୋଝେଇ ଟ୍ରକ ଘଟଣାସ୍ଥଳରୁ ଫେରାର ମାରିଛି। ପୁଲିସ ରାସ୍ତା ଉପରୁ ଦୁର୍ଘଟଣାଗ୍ରସ୍ତ ପିକଅପକୁ ହଟାଇ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ।

୨୫ ଦିନ ପରେ ବଦଳିଲା ଟ୍ରାନ୍ସଫର୍ମର

## ଗାଁରୁ ଅନ୍ଧାର ହଟିଲା, ଲୋକଙ୍କ ମୁହଁରେ ହସ ଫୁଟିଲା

**ସମ୍ବଲପୁର, ୧୩।୪(ସମିସ):** ପ୍ରାୟ ୨୦ଦିନ ଧରି ବ୍ରାହ୍ମଣୀନାଲ ଗ୍ରାମରେ ଲାଗିଥିବା ଟ୍ରାନ୍ସଫର୍ମର ଅଚଳ ହୋଇ ପଡ଼ିଥିବା ବେଳେ ଆଜି ତାହା ବଦଳାଯାଇଛି। ଅଚଳ ହୋଇ ପଡ଼ିଥିବା ଟ୍ରାନ୍ସଫର୍ମର ମରାମତି ନହେବାରୁ ଗତକାଲି ବ୍ରାହ୍ମଣୀନାଲିର ଶତାଧିକ ମହିଳା, କୁନିପିଲା ହାତୀବାରି ବିଦ୍ୟୁତ ବିଭାଗ ସେକ୍ସନ ଅଫିସ ଘେରାଉ କରିଥିଲେ। ବିଭାଗ ଗତକାଲି ଦେଇଥିବା ପ୍ରତିଶ୍ରୁତି ପାଳନ କରିଛି। ଆଜି ସକାଳେ ଅଚଳ ଟ୍ରାନ୍ସଫର୍ମର ବଦଳାଯାଇଛି। ବିଭାଗର କର୍ମଚାରୀ ମାନେ ଯୁଦ୍ଧକାଳୀନ ଭିତ୍ତିରେ କାମ କରି ଅପରାହ୍ନ ୧୨ ଟା ସୁଦ୍ଧା ଗ୍ରାମରେ ବିଜୁଳି ସଂଯୋଗ ଦେଇଥିଲେ। ବିଜୁଳି ଆଲୁଅ ଦେଖି ଗ୍ରାମବାସୀ ଖୁସୀବ୍ୟକ୍ତ କରିଛନ୍ତି। ବିଦ୍ୟୁତ ବିଭାଗକୁ ସାଧୁବାଦ ଜଣାଇଛନ୍ତି। ୨୫ ଦିନ ଅନ୍ଧାରରେ ଭୟରେ ଜୀବନଯାପନ କରିବା ପରେ ଆଜି ରାତିରେ ବିଜୁଳି ଆଲୁଅ ଜଳିଛି। ଗରିବ ଆଦାବାସୀ ମାନଙ୍କୁ ଆଉ ଏଭଳି ହଇରାଣ କରନ୍ତୁ ନାହିଁ ବୋଲି ଗ୍ରାମବାସୀ ଅନୁରୋଧ କରିଛନ୍ତି। ଯୁଯୁମୁରା ପଞ୍ଚାୟତରେ ବ୍ରାହ୍ମଣୀନାଲି ଗ୍ରାମର ଗରିବ ଓ ଆଦିବାସୀ ଶ୍ରେଣୀର ପ୍ରାୟ ୪୦ପରିବାର ବସବାସ କରୁଛନ୍ତି। ତେଣୁ ଗ୍ରାମରେ ବିପିଏଲ ଯୋଜନାରେ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା। ମାର୍ଚ୍ଚ ୨୫ତାରିଖ ବିଦ୍ୟୁତ ସରବରାହ ବନ୍ଦ ହୋଇଯାଇଥିଲା। ଅଭିଯୋଗ ପରେ ମରାମତି କରିବାକୁ ବିଦ୍ୟୁତ ବିଭାଗ କର୍ମଚାରୀ ମାନେ ଆସି ସେମାନେ କୁକୁଡ଼ା ଓ ୬ହଜାର ଟଙ୍କା ନେଇ ଥିଲେ ମଧ ମରାମତି ହୋଇ ପାରି ନଥିଲା। ବିଜୁଳି ନଥିବା କାରଣରୁ ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ। ରାତିରେ ପିଲାଙ୍କ ପାଠପଢ଼ା ପ୍ରଭାବିତ ହେବା ସହ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଜଙ୍ଗଲଘେରା ମଧ୍ୟରେ ଏହି ଗ୍ରାମ ଥିବାରୁ ଅନ୍ଧାରରେ ବନ୍ୟଜନ୍ତୁଙ୍କ ଭୟ ଲାଗି ରହିଥିଲା। ଅନେକ ସମୟରେ ହାତୀ ଗ୍ରାମ ଭିତରକୁ ପଶି ଆସୁଥିବାରୁ ଗ୍ରାମବାସୀ ଅନ୍ଧାରରେ ଘର ଭିତରେ ବନ୍ଦ ହୋଇ ରହୁଥିଲେ। ଟାଟା ପାୱାର ଅଧିକାରୀଙ୍କୁ ଯୋଗାଯୋଗ ମଧ କରାଯାଇଥିଲା ହେଲେ ନୂତନ ଟ୍ରାନ୍ସଫର୍ମର ବଦଳା ଯାଉନଥିଲା। ତେଣୁ ଗତକାଲି ଅଫିସ ଘେରାଉ କରି ଗ୍ରାମର ମହିଳା ମାନେ ଧାରଣାରେ ବସିଥିଲେ।





ଓଃ କି ଭୀଷଣ ଖରା .. ଖରାରୁ ରକ୍ଷା ପାଇବା ପାଇଁ କୁନି ପିଲାଟି ହେଲ୍‌ମେଟ୍ ପିନ୍ଧିଛି

## ରାସ୍ତାରେ ଓଲଟିଲା ଅଟୋ

**କୁଚିଣ୍ଡା, ୧୩।୪(ସମିସ):** କୁଚିଣ୍ଡା-ଫାଶୀମାଲ ରାସ୍ତା ଘୋଡ଼ାବାନ୍ଧୁଣି ଗ୍ରାମର ଶେଷ ମୁଣ୍ଡରେ ଥିବା ବୁଲାଣି ପାଖରେ ଶନିବାର ପୂର୍ବାହ୍ନରେ ଚେରେଙ୍ଗାମାଳ ଠାରୁ ପତ୍ରାପାଲି ନିକଟ ଜଟିଆପାଲି ଗ୍ରାମକୁ ଯାଉଥିବା ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ଅଟୋରେ କ୍ଷମତା ଠାରୁ ଅଧିକ ଯାତ୍ରୀ ଥିବା ଅଭିଯୋଗ ହୋଇଛି। ଅଟୋଟି ବୁଲାଣି ପାଖରେ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା ଫଳରେ ଅଟୋରେ ବସିଥିବା ସମସ୍ତ ଯାତ୍ରୀ ଆହତ ହୋଇ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଚନ୍ଦ୍ର କାନ୍ତି ବେହେରା (୩୬) ଙ୍କ ଶରୀର ବିଭିନ୍ନ ସ୍ଥାନରେ ମାଡ଼ ହେବା ସହ ଅଣ୍ଟାରେ ଗଭୀର ଆଘାତ ଲାଗିଥିବା ବେଳେ ଡାଲମି ସାଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଛି। ପଦ୍ମିନୀ ସାର ହାତ କୁହୁଣିରେ ଆଘାତ ଲାଗିଛି। ଏନେଇ କୁଚିଣ୍ଡା ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

## ଅଟୋ ଓଲଟି ୨ ଗୁରୁତର, ୭ ଆହତ

**ଜମନକିରା, ୧୩।୪(ସମିସ):** ଜମନକିରା ବ୍ଲକ କୁଚିଣ୍ଡା ଥାନା ଅନ୍ତର୍ଗତ ଫାଶୀମାଲ-ଲାଡ ପର୍ତ୍ତୁ ବିଭାଗ ରାସ୍ତାର ଘୋଡାଭାଞ୍ଜେନ ଗାଁ ନିକଟ ବୁଲାଣିରେ ଏକ ଟେମ୍ପୁ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିବାରୁ ୨ ଗୁରୁତର ସମେତ ୯ ଜଣ ଆହତ ହୋଇଛନ୍ତି। ଗୁରୁତରଙ୍କ ମଧ୍ୟରେ ପଦ୍ମିନୀ ସା (୩୧) ଓ ଡାଲିମା ସା (୭୬) ଥିବାବେଳେ ଆହତ ମାନେ ହେଲେ ଚନ୍ଦ୍ରକାନ୍ତି ବେହେରା (୩୬), ପୁନମ ସା(୯), ଲିପି ସା(୧୦), ପ୍ରାଚୀ ସା(୨), ନବୀନ ବେହେରା(୬୦), ପୂଜା ନାଏକ (୧୩) ଓ ନିଳିମା ସା(୧୩)। ଗୁରୁତରଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବାବେଳେ ଆହତଙ୍କୁ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ ଯେ, ଶନିବାର ସକାଳେ ଚେରେଙ୍ଗାମାଲ ଗାଁରୁ ଏକ ଟେମ୍ପୁ(ଅଟୋ)ରେ ଉକ୍ତ ମହିଳାମାନେ କୁଚିଣ୍ଡା ନିଜ ଘରକୁ ଫେରିଥିଲେ। ଘୋଡାଭଞ୍ଜେନ ବୁଲାଣିରେ ଦୃତଗତିରେ ଥିବା ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଖବର ପାଇ ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ରେ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ପୁଲିସ ଘଟଣାସ୍ଥଳର ତଦନ୍ତ କରୁଛି।

## ବୃକ୍ଷଲତାକୁ ଭଲ ପାଉଥିବା ମଣିଷ କୈଳାଶ ନାୟକ



**କୁଚିଣ୍ଡା, ୧୩।୪ (ସମିସ) :** ଗଛଲତାକୁ ଭଲ ପାଉଥିବା ନିଆରା ମଣିଷ କୈଳାଶ ଚନ୍ଦ୍ର ନାୟକ ଅଞ୍ଚଳରେ ପିଇଟି ସାର ରୂପେ ବେଶ ପରିଚିତ। କୁଚିଣ୍ଡା ନିକଟସ୍ଥ ସାତକମା ଗ୍ରାମରେ ୧୯୬୩ ମସିହାରେ ଜନ୍ମ ଗ୍ରହଣ କରିଥିବା ଶ୍ରୀ ନୟକ କୁଟୁରାଛୁଆଁ ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ଜୀବନ ଆରମ୍ଭ କରି କୁଚିଣ୍ଡା ମହାବିଦ୍ୟାଳୟରେ ସ୍ନାତକ ଶେଷ କରିଥିଲେ। ୧୯୮୬ ରେ ତିଲିଆ ତୁଳସୀ ସାହୁ ଉଚ୍ଚ ବିଦ୍ୟାଳୟ ଠାରେ ଚାକିରୀ ଜୀବନ ଆରମ୍ଭ କରି ୧୦ ବର୍ଷ ପର୍ଯ୍ୟନ୍ତ ସେହି ଉଚ୍ଚ ବିଦ୍ୟାଳୟରେ ଖେଳ ଶିକ୍ଷକ ରୂପେ ରହିବା ପରେ ବିଦ୍ୟାଳୟକୁ ସମ୍ପୂର୍ଣ୍ଣ ଜଙ୍ଗଲ ରୂପେ ପରିଣତ କରିବା ସହ ଅଞ୍ଚଳବାସୀଙ୍କ ପ୍ରିୟଭାଜନ ହୋଇ ପାରିଥିଲେ। ଏହା ପରେ ଶ୍ରୀ ନାୟକ ଜମନକିରା ବ୍ଲକ ଫାଶୀମାଲ ଉଚ୍ଚ ବିଦ୍ୟାଳୟକୁ ବଦଳି ହୋଇ ଆସି ଏକ ସବୁଜ ବନାନୀ ସୃଷ୍ଟି କରି ଶାଗୁଆନ, ଆମ୍ବ, ପଣଷ, ଶିଶୁ, ଦେବଦାରୁ ସମେତ ବହୁ ଔଷଧୀୟ ବୃକ୍ଷ ରୋପଣ କରି ଫାଶୀମାଲ ଉଚ୍ଚ ବିଦ୍ୟାଳୟକୁ ସବୁଜ ସୁନ୍ଦର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରି ଅଞ୍ଚଳରେ ସମସ୍ତଙ୍କ ପ୍ରିୟ ଖେଳ ଶିକ୍ଷକ ରୂପେ ପରିଚିତ ହୋଇ ପାରିଥିଲେ। ଏହାପରେ ୨୦୧୨ରେ କୁଚିଣ୍ଡା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ କୁ ବଦଳି ହୋଇ ଆସିବା ପରେ ମାଙ୍କଡ଼ା ପଥର ଉପରେ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ, ବିଭିନ୍ନ ପ୍ରକାର ସୁଗନ୍ଧିତ ଫୁଲ ଗଛ ସହ ଆମ୍ବ, ନିମ୍ବ, ଦେବଦାରୁ, ଲେମ୍ବୁ ଓ ବିଭିନ୍ନ ଫଳ ଏବଂ ଦୁର୍ଲ୍ଲଭ ଗଛ ଲଗାଇ କୁଚିଣ୍ଡା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟକୁ ସବୁଜ ସୁନ୍ଦର କରି ବେଶ ଆକର୍ଷଣୀୟ କରିବାରେ ତାଙ୍କର ଅବଦାନ ଅତୁଳନୀୟ। ଗତ ୨୦୧୩ରେ କୁଚିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାକିରୀ ଜୀବନରୁ ଅବସର ନେବା ପରେ ପୈତୃକ ଗ୍ରାମ ସାତକମା ଗ୍ରାମରେ ପ୍ରାୟ ଏକ ଏକର ଜମିରୁ ଅଧିକ ଜମିରେ ଆମ୍ବ, ଲିଚୁ, ଉନ୍ନତ ମାନର ବରକୋଳି, ମୌସୁମୀ, କମଳା, ସେଓ, ପିଜୁଳି, ନଡ଼ିଆ, ଡାଳିମ୍ବ, ସପେଟା, କଦଳୀ, ପିସ୍ତା ବାଦାମ ଆଦି ସହ ରୁଦ୍ରାକ୍ଷ, ଅଁଳା, ଅଶୋକ, ମେହୋଗାମି ପ୍ରଭୃତି ଔଷଧ ଗଛ ଲଗାଇଛନ୍ତି। ଘର ପାଖେ ଥିବା ପ୍ରାୟ ୫୦ ଡିସମିଲ ଜମିରେ ପନିପରିବା ଚାଷ ମଧ ସେ କରିଛନ୍ତି।

# ସମ୍ବଲପୁର ବିକାଶର ସାରଥୀ ସାଜିବେ ପ୍ରଣବ ଓ ପ୍ରସନ୍ନ

**ସମ୍ବଲପୁର, ୧୩।୪(ସମିସ)**

ନିର୍ବାଚନ ସମୟ ଯେତିକି ପାଖେଇ ଆସୁଛି ରାଜ୍ୟ ରାଜନୀତି ସେତିକି ସରଗରମ ହେବାରେ ଲାଗିଛି। ଲୋକସଭା ଓ ବିଧାନସଭା ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା ହେଲା ପରେ ପ୍ରଚାରରେ ଲାଗି ପଡ଼ିଛନ୍ତି ନେତା। ଚଳିତ ସାଧାରଣ ନିର୍ବାଚନରେ ରାଜ୍ୟର ଚର୍ଚ୍ଚିତ ନିର୍ବାଚନ କ୍ଷେତ୍ର ପାଲଟିଛି ସମ୍ବଲପୁର। ସମସ୍ତଙ୍କ ନଜର ଏବେ ଏହି ଜିଲ୍ଲା ଉପରେ। କାରଣ ବିକାଶର ହୁଙ୍କାପିଟା ଆବାଜ କରୁଥିବା ଧର୍ମେନ୍ଦ୍ରଙ୍କୁ ଚେକ୍ ମେଟ୍ କରିବାକୁ ରଣାଙ୍ଗନକୁ ଓହ୍ଲାଇଛନ୍ତି ରାଜ୍ୟର ଦକ୍ଷ ନେତୃତ୍ୱ ପ୍ରଣବ ପ୍ରକାଶ ଦାସ। ସେହିଭଳି ସମ୍ବଲପୁର ବିଧାନସଭା କ୍ଷେତ୍ର ପାଇଁ ମଇଦାନରେ ଅଛନ୍ତି ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ। ରାଜ୍ୟ ରାଜନୀତିର ଚାଣକ୍ୟ ଭାବରେ ପରିଚିତ ଏହି ଦୁଇ ନେତାଙ୍କ ଯୋଡ଼ି ବିରୋଧୀଙ୍କୁ କେମିତି ଘାଇଲା କରିବ ତାକୁ ନେଇ ଏବେ ସମ୍ବଲପୁରରେ ନାନା ଆଲୋଚନା ଚାଲିଛି। ସମ୍ବଲପୁରର ବିକାଶରେ ଏହି ଦୁଇ ନେତା ସାରଥୀ ସାଜିବେ ବୋଲି ଜୋର୍‌ସୋର ଚର୍ଚ୍ଚା ହେଉଛି।

ଗତ ୫ବର୍ଷ ଏଠାରେ ଜନତା ଉଭୟ ବିଧାନସଭା ଓ ଲୋକସଭାରେ ବିଜେପିକୁ ଭରସା କରିଥିଲେ। ହେଲେ ବିକାଶ କଥା ଛାଡନ୍ତୁ ବିଧାୟକ ଓ ସାଂସଦଙ୍କୁ ସମ୍ବଲପୁରରେ ଦେଖିବା ଦୂରର କଥା ତାଙ୍କ ଛାଇ ମଧ ଦୃଶ୍ୟମାନ ହେଲାନି। ଏଥର ପୁଣି ସମ୍ବଲପୁର ବିଧାନସଭା କ୍ଷେତ୍ର ପାଇଁ ବିଜେପି ତରଫରୁ ଜୟ ନାରାୟଣ ମିଶ୍ର ପ୍ରାର୍ଥୀ ହୋଇଛନ୍ତି। ଗତ ୫ବର୍ଷ ହେବ ଜୟଙ୍କ ଦେଖା ନ ଥିବା ବେଳେ ପୁଣି ଏଥର





ଜିତିବା ପରେ କୁଆଡ଼େ ଯାଇଥିଲେ ବିଜେପିର ଡବଲ ଇଞ୍ଜିନ ନେତା?

ନିର୍ବାଚନରେ ସେ କେଉଁ ମୁହଁରେ ଲୋକଙ୍କୁ ଭୋଟ ମାଗିବାକୁ ଯିବେ ସେନେଇ ସବୁଠି ଚର୍ଚ୍ଚା। ଚିରାଚରିତ ଢଙ୍ଗରେ ଦାଗି ନେତାଙ୍କୁ ଆଦରି ନେଇ ବିଜେପି ନିର୍ବାଚନ ଲଢ଼ିବାକୁ ଯୋଜନା କରୁଛି। ଅପରପକ୍ଷେ ବିଜେପି ନେତା ଧର୍ମେନ୍ଦ୍ର ପ୍ରଧାନ ଏଥର ଲୋକସଭା କ୍ଷେତ୍ର ପାଇଁ ସମ୍ବଲପୁର ଉପରେ ଆଶା ପ୍ରକଟ କରିଛନ୍ତି। ତାଙ୍କ ବିପକ୍ଷରେ ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ନିର୍ବାଚନ ମୈଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ତେବେ ଉଭୟ ପ୍ରସନ୍ନ ଓ ପ୍ରଣବଙ୍କୁ ବିଧାନସଭା ଓ ଲୋକସଭା ପ୍ରାର୍ଥୀ ଭାବରେ ପାଇ ସମ୍ବଲପୁର ବିଜେଡି ଭଲ ପ୍ରଦର୍ଶନ କରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। କେବଳ ସମ୍ବଲପୁର ନୁହେଁ, ଅନ୍ୟ ୭ଟି ଆସନରେ ମଧ ଭଲ ପ୍ରଦର୍ଶନ କରିବ ବୋଲି କୁହାଯାଉଛି। ଚଳିତ ସାଧାରଣ ନିର୍ବାଚନରେ ରାଜ୍ୟରେ ରୂପାନ୍ତରଣର ବାର୍ତ୍ତା ନେଇ ବିଜେଡି ଲୋକଙ୍କ ପାଖକୁ ପହଞ୍ଚିବ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କ୍ରୀଡା, ପର୍ଯ୍ୟଟନ, ନାରୀ ସଶକ୍ତିକରଣ ସମସ୍ତ କ୍ଷେତ୍ରରେ ରୂପାନ୍ତରଣର ସ୍ୱର୍ଶ ହୋଇଛି। ବିଜୁ ସ୍ୱାସ୍ଥ୍ୟ କାର୍ଡ, ମିଶନ ଶକ୍ତି, ଆମ ହସ୍ପିଟାଲ, ଭଳି ଅନେକ ଲୋକାଭିମୁଖୀ ଯୋଜନାରେ ଲକ୍ଷାଧିକ ମହିଳା ଉପକୃତ ହୋଇ ପାରିଛନ୍ତି। ଏହି ସବୁ ବିକାଶର ବ୍ଲୁ ପ୍ରିଣ୍ଟ ନେଇ ବିଜୁ ଜନତା ଦଳ ପ୍ରଚାର ମଇଦାନକୁ ଓହ୍ଲାଇବାକୁ ପ୍ରସ୍ତୁତ ଥିବା ବେଳେ ପ୍ରସଙ୍ଗବିହୀନ ରାଜନୀତିରେ ମାତିଛି ବିଜେପି।

ସୂଚନାଯୋଗ୍ୟ, ପ୍ରସନ୍ନ ଆଚାର୍ଯ୍ୟ ୩ ଦଶନ୍ଧିରୁ ଅଧିକ ସମୟ ଧରି ରାଜ୍ୟ ରାଜନୀତିର ଚର୍ଚ୍ଚିତ ଚେହେରା ଭାବେ ରହି ଆସିଛନ୍ତି। ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ସେ ବିଜୁ ପଟ୍ଟନାୟକଙ୍କ ଜନତା ଦଳ ସରକାରରେ କ୍ୟାବିନେଟ୍ ମନ୍ତ୍ରୀ ଦାୟିତ୍ୱରେ ଥିଲେ। କଂଗ୍ରେସର ଗଡ଼ କୁହାଯାଉଥିବା ସମ୍ବଲପୁର ଲୋକସଭା ଆସନରୁ ୧୯୯୮, ୧୯୯୯ ଓ ୨୦୦୪ରେ ୩ ଥର ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ୨୦୦୯ରେ ସେ ରେଢ଼ାଖୋଲ ବିଧାନସଭା ଆସନରେ ବାଜିମାତ କରି ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ସ୍ୱାସ୍ଥ୍ୟ ଓ ଅର୍ଥ ବିଭାଗର ମନ୍ତ୍ରୀ ଭାବେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଥିଲେ। ୨୦୧୬ରେ ଦଳ ତାଙ୍କୁ ରାଜ୍ୟସଭା ପଠାଇଥିଲା। ସେ ରାଜ୍ୟସଭାରେ ବିଜେଡିର ସଂସଦୀୟ ଦଳର ନେତା ଭାବେ ମଧ କାମ କରିଛନ୍ତି।

ସେହିଭଳି ଯାଜପୁରର ବିଧାୟକ ଭାବରେ ନିର୍ବାଚିତ ହୋଇଥିବା ପ୍ରଣବ ପ୍ରକାଶ ଦାସ ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ଭାବରେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହି ଦୁଇ ଜଣଙ୍କ ଯୋଡ଼ିକୁ ନେଇ ବର୍ତ୍ତମାନ ସମ୍ବଲପୁର ରାଜନୀତି ଉଠୁଛି ପଡୁଛି। ତେବେ ପ୍ରଣବ-ପ୍ରସନ୍ନଙ୍କ ଯୋଡ଼ିକୁ ବିରୋଧୀ କେମିତି ସାମ୍ନା କରିବେ ତାହା ଦେଖିବାକୁ ବାକି ରହିଲା।

## ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବରେ ଯୋଗ ଦେଲେ ବିଧାୟକ



**ବରଗଡ଼, ୧୩।୪(ସମିସ) :** ବରଗଡ଼ ସଦର ବ୍ଲକ ଧଉରାଖିନ୍ଦା ନିକଟସ୍ଥ ଭଜଟିକ୍ରାଠାରେ ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ମହାସମାରୋହରେ ଆୟୋଜିତ ହୋଇଯାଇଛି। ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଏହି ମହୋତ୍ସବରେ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଶୀର୍ବାଦ ଲାଭ କରିଥିଲେ। ସେହିପରି ସ୍ଥାନୀୟ ସରପଞ୍ଚ ନିରଞ୍ଜନ ମଲ୍ଲିକ ଓ ସରସରା ପ୍ୟାକ୍ସ ସଭାପତି ଜୟଦେବ ଗଡ଼ତିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ଅତିଥି ମାନଙ୍କୁ ମନ୍ଦିରକୁ ପାଛୋଟି ଆଣିଥିଲେ। ମନ୍ଦିର ପ୍ରତିଷ୍ଠା ସମାରୋହରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।

**ବିଜେଡିର ସାମ୍ବାଦିକ ସମ୍ମିଳନୀ**

# ବରଗଡ଼ର ବିକାଶ ପାଇଁ ବିଜେଡି ସରକାର ପ୍ରତିଜ୍ଞାବଦ୍ଧ

**ବରଗଡ଼, ୧୩।୪(ସମିସ)**

ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିକାଶ ପ୍ରକ୍ରିୟା ଜାରି ରହିଥିବା ସହ ବରଗଡ଼ରେ ମଧ ବିକାଶ ପ୍ରକ୍ରିୟା ଗତିଶୀଳ ରହିଛି। ବିଗତ ଦିନରେ ରାଜ୍ୟ ସରକାର ବରଗଡ଼ର ଶିକ୍ଷା, ସ୍ୱାସ୍ଥ୍ୟ ଗମନାଗମନ, ଜଳସେଚନ, ପାନୀୟ ଜଳ, କ୍ରୀଡ଼ା ଭିତ୍ତିଭୂମି ଆଦି ପ୍ରତିଟି କ୍ଷେତ୍ରର ବିକାଶରେ ବରଗଡ଼କୁ ସାମିଲ କରି ଉନ୍ନତି ପଥରେ ଅଗ୍ରସର ହୋଇପାରିଛି। ବିଶେଷ କରି ବରଗଡ଼

**ମେଡିକାଲ କଲେଜ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ**

ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମସ୍ତଙ୍କ ମିଳିତ ଉଦ୍ୟମରେ ପାଖାପାଖି ଶହେ କୋଟି ଟଙ୍କା ବ୍ୟୟରେ କ୍ୟାନ୍ସର ହସ୍ପିଟାଲ ନିର୍ମାଣ ଓ ଲୋକାର୍ପଣ କରାଯାଇଥିବା ବେଳେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରମାନ ପ୍ରତିଷ୍ଠା ହୋଇପାରିଛି। ଏହା ସହ ବରଗଡ଼ରେ ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ଼ କରିବା ପାଇଁ ଏକ ମେଡିକାଲ କଲେଜ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଠାରେ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ସରକାରଙ୍କ ସହମତି ମିଳିଛି। ଶିକ୍ଷା କ୍ଷେତ୍ରରେ ବରଗଡ଼ ନିର୍ବାଚନ ମଣ୍ଡଳୀର ପ୍ରାୟ ସମସ୍ତ ହାଇସ୍କୁଲ ରୂପାନ୍ତରିତ ହୋଇଛି। ସେହିପରି ପଞ୍ଚାୟତ ମହାବିଦ୍ୟାଳୟ, ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ଓ ଟ୍ରଷ୍ଟଫଣ୍ଡ ମହାବିଦ୍ୟାଳୟର ମଧ ରୂପାନ୍ତରିକରଣ ସମାପ୍ତ ହୋଇଥିବା ସହ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଆବଶ୍ୟକ ଅନେକ ଗୁଡ଼ିଏ ଛାତ୍ରାବାସ ନିର୍ମାଣ ସରିଛି। କୃଷିକ୍ଷେତ୍ରରେ ବିଜୁ କୃଷକ ଯୋଜନାରେ ବରଗଡ଼ର ବିଭିନ୍ନ ଅଣଜଳସେଚିତ ଅଞ୍ଚଳରେ ଗଭୀର ନଳକୂପ ଖନନ କରାଯାଇ ଶସ୍ୟ ଶ୍ୟାମଳାରେ ପରିଣତ କରାଯାଇ ପାରିଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ଏ ଅଞ୍ଚଳ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପରେ ସାମିଲ ହୋଇପାରିଛି। ଏଥି ସହିତ ଆଗାମୀ ଦିନ ରେ ବରଗଡ଼ରେ ତିନିଟି କୃଷିଶିଳ୍ପ ରାଜ୍ୟ ସରକାର ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ରଖିଛନ୍ତି। ଗମନାଗମନ କ୍ଷେତ୍ରରେ ବରଗଡ଼ ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନ ପର୍ଯ୍ୟନ୍ତ ୬ଟି ବିଜୁ ସେତୁ ନିର୍ମାଣ ସରିଥିବା ବେଳେ ଅନେକ ପ୍ରସ୍ତାବ ବିଭିନ୍ନ ପ୍ରକ୍ରିୟାରେ ରହିଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ପ୍ରତି ଗ୍ରାମକୁ ଯୋଡ଼ା ଯାଇଛି। ଆଗାମୀ ଦିନରେ ଆହୁରି ଅନେକ ଗୁଡ଼ିଏ ରାସ୍ତା ମଧ ନିର୍ମାଣ ପ୍ରସ୍ତାବ ରହିଛି। ପାନୀୟଜଳ କ୍ଷେତ୍ରରେ ବରଗଡ଼ ସହରକୁ ବରଗାଁ ମେଗା ପାନୀୟଜଳ ପ୍ରକଳ୍ପ ଜରିଆରେ ପିଇବା ପାଣି ଯୋଗାଇ ଦିଆ ଯାଉଥିବା ବେଳେ ପ୍ରତି ଗ୍ରାମାଞ୍ଚଳକୁ ହୀରାକୁଦ ଜଳ ଭଣ୍ଡାରରୁ ସ୍ୱଚ୍ଛ ଓ ପାନୀୟ ଜଳ ଯୋଗାଇବା ପ୍ରକ୍ରିୟା ଚାଲୁ ରହିଛି। କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ବରଗଡ଼ରେ ଇଣ୍ଡୋର୍ ଷ୍ଟାଡିୟମ୍ ଲୋକାର୍ପିତ ହୋଇଥିବା ବେଳେ ଆଉ ଏକ ପୂର୍ଣ୍ଣାଙ୍ଗ ଷ୍ଟାଡିୟମ୍ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ହୋଇଛି। ସେହିପରି ସହରର ଜୀରା ନଦୀ କୂଳରେ ରିଙ୍ଗ୍ ରୋଡ଼ କାର୍ଯ୍ୟର ଶୁଭାରମ୍ଭ ହୋଇଛି ଏବଂ ଆଗାମୀ ଦିନରେ ଗାନ୍ଧୀଛକ ଓ ଭଟଲି ଛକରେ ଫ୍ଲାଇ ଓଭର ନିର୍ମାଣ ପ୍ରସ୍ତାବ ରହିଥିବା ଉଲ୍ଲେଖ କରିଥିଲେ। ଏଥି ସହିତ ବିଜୁ ସ୍ୱାସ୍ଥ୍ୟ କାର୍ଡ଼ରେ ବରଗଡ଼ ଜନସାଧାରଣ ବ୍ୟାପକ ଭାବେ ଉପକୃତ ହେଉଥିବା ବେଳେ ଯେଉଁମାନେ ଏହି ସୁବିଧାରୁ ବଞ୍ଚିତ ରହିଛନ୍ତି ସେମାନଙ୍କୁ ନବୀନ ହେଲ୍ଥ କାର୍ଡ଼ରେ ସାମିଲ କରାଯାଇଛି। ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନୂଆଓ ରେ ଛାତ୍ର ବୃତ୍ତି ସହିତ ମ୍ୟାଜିକ କାର୍ଡ଼ ପ୍ରଦାନ କରାଯିବା ଭଳି ଜନହିତକାରୀ ଯୋଜନା ପ୍ରଚଳନ କରାଯାଇଛି। ବରଗଡ଼ର ବିକାଶ ଯାହା ହୋଇଛି ତାହା ଜଳ ଜଳ ହୋଇ



ଲୋକଙ୍କ ଆଖି ସାମ୍ନାରେ ପ୍ରତିଫଳିତ ହୋଇଛି। ଆମେ ଜନସାଧାରଣଙ୍କ ଆଶୀର୍ବାଦରେ ସାଧାରଣ ଜନତାଙ୍କ ସହିତ ସବୁବେଳେ ରହିଛୁ ଓ ଆଗକୁବି ରହିବୁ ଏବଂ ଆଗାମୀ ଦିନରେ ବରଗଡ଼ ଜନସାଧାରଣଙ୍କ ଆଶୀର୍ବାଦ କାମନା କରୁଛୁ ବୋଲି ବିଜୁ ଜନତା ଦଳ ଦ୍ୱାରା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ପ୍ରକାଶ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ବିଜେଡି ଲୋକସଭା ପ୍ରାର୍ଥୀ ପରିଣିତା ମିଶ୍ର, ବରିଷ୍ଠ ବିଜେଡି ନେତା ଅଚ୍ୟୁତାନନ୍ଦ ମହାପାତ୍ର, ବିଶିଷ୍ଟ ଆଇନଜୀବୀ ଅଶୋକ ଯୋଶୀ, ଯୁବନେତା ସୁଶାନ୍ତ ମିଶ୍ର, ପୌରାଧ୍ୟକ୍ଷା କଳ୍ପନା ମାଝୀ ପ୍ରମୁଖ ଉପସ୍ଥିତ ରହି ଆଗାମୀ ନିର୍ବାଚନରେ ବରଗଡ଼ ବିଜେଡିର ଲକ୍ଷ୍ୟ ବିଷୟରେ ଉଲ୍ଲେଖ କରିଥିଲେ।

**ଖବର ପ୍ରକାଶ ପରେ ପ୍ରଶାସନିକ ତତ୍ପରତା**

## ବଞ୍ଚିଗଲା ଅସହାୟ ବିରେନ୍ଦ୍ରଙ୍କ ଜୀବନ



**ବରଗଡ଼, ୧୩।୪ (ସମିସ):** ଅଜଣା ରୋଗରେ ପୀଡ଼ିତ ଥିବା ଅସହାୟ ଯୁବକ ବିରେନ୍ଦ୍ରକୁ ସହାୟତାର ହାତ ବଢ଼ାଇଛନ୍ତି ଜିଲ୍ଲା ପ୍ରଶାସନ। ଗତ ମାର୍ଚ୍ଚ ୧୭ ତାରିଖ ଦିନ 'ସକାଳ'ରେ 'ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ବିରେନ୍ଦ୍ର' ଶୀର୍ଷକ ଖବର ପ୍ରକାଶ ପାଇବା ସହିତ ସକାଳ ଡିଜିଟାଲରେ ମଧ ଏହା ପ୍ରସାରିତ ହୋଇଥିଲା। ବିରେନ୍ଦ୍ର ଦୁଃଖ ଓ ଅସହାୟ ଅବସ୍ଥାରେ ଥିବା ନେଇ ଖବର ପ୍ରକାଶିତ ହେବା ପରେ ସହଯୋଗ କରିବା ପାଇଁ ପ୍ରଥମେ ବରଗଡ଼ ଜିଲ୍ଲାର ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସଂକଳ୍ପ ପରିବାର ଆଗେଇ ଆସିଥିଲେ। ପରେ ଜିଲ୍ଲା ପ୍ରଶାସନ ମଧ ଆଗେଇ ଆସିଥିଲେ। ସକାଳ ଖବର ସମ୍ପର୍କରେ ବରଗଡ଼ ଜିଲ୍ଲାପାଳଙ୍କ ଆଦେଶ କ୍ରମେ ଜିଲ୍ଲା ଜରୁରୀ ବିଭାଗ ଅଧିକାରୀ ତାଙ୍କ ପତ୍ର ସଂଖ୍ୟା ୭୧/୦୪/୦୪/୨୪ ମାଧ୍ୟମରେ ବିରେନ୍ଦ୍ର ଧରୁଆକୁ ଆବଶ୍ୟକୀୟ ସମସ୍ତ ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇ ଦିଆଯାଇଥିଲା। ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ନିରୁପମା ଷଡଙ୍ଗୀ ତୁରନ୍ତ ବିରେନ୍ଦ୍ରକୁ ଖେଦାପାଲି ସ୍ଥିତ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏକ ଅଜଣା ରୋଗରେ ପୀଡ଼ିତ ହୋଇ ଜୀବନ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି ବରଡୋଲ ପିପିଲିପାଲି ଗ୍ରାମର ୩୪ ବର୍ଷୀୟ ଯୁବକ ବିରେନ୍ଦ୍ର ଧରୁଆ। ମା, ବାପାଙ୍କୁ ହରାଇବା ପରେ ଘରେ ଭାଇ, ଭାଉଜଙ୍କ ସହ ରହିବା ସହିତ ଏକ ହୋଟେଲରେ ସେ କାମ କରି ନିଜର ଗୁଜୁରାଣ ମେଣ୍ଟଉ ଥିଲେ। ମାତ୍ର ଗତ ୮ ମାସ ହେବ ଏକ ଅଜଣା ରୋଗରେ ପୀଡ଼ିତ ହୋଇ ଶରୀର ସାରା କଳା ପଡ଼ିଯିବା ସହିତ ଧଳା ଧଳା ଦାଗ ସୃଷ୍ଟି ହୋଇଥିବାରୁ ହୋଟେଲ ମାଲିକ ତାଙ୍କୁ ବାହାର କରି ଦେଇଥିଲା। ଅସହାୟ ହୋଇ ପଡ଼ିଥିବା ବିରେନ୍ଦ୍ର ଚାଲି ପାରୁନଥିବା ବେଳେ ଘର ବାରଣ୍ଡାରେ ପଡ଼ିରହି ଥିଲେ। ଯଦି କେହି କିଛି ଦୟାକରି ଖାଇବାକୁ ଦେଲେ ତାକୁ ଖାଇ ସେ ବଞ୍ଚି ରହିଥିଲେ। ନିଜ କାମ ନିଜେ କରିବାକୁ ମଧ ସେ ସକ୍ଷମ ନୁହନ୍ତି। ଜିଲ୍ଲା ପ୍ରସାଶନର ତତ୍ପରତା ପରେ ବିରେନ୍ଦ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭେଷଜ ବିଭାଗ ୪୬ ନମ୍ବର ଶଯ୍ୟାରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ସ୍ୱେଚ୍ଛାସେବୀ ସଂଗଠନ ଓ ପ୍ରଶାସନ ବିରେନ୍ଦ୍ରକୁ ସହାୟତା ଯୋଗାଇ ପୁଣି ବଞ୍ଚିବାର ରାହା ଦେଖାଇଥିବାରୁ ବିରେନ୍ଦ୍ର ଆଶ୍ୱସ୍ତ ହୋଇଛି। ବିଭାଗୀୟ ଡାକ୍ତରଙ୍କ କହିବା ଅନୁଯାୟୀ ଭର୍ତ୍ତି ହେବା ସମୟରେ ବିରେନ୍ଦ୍ରଙ୍କ ଶରୀରରେ ରକ୍ତର ପରିମାଣ ଚାରି ୟୁନିଟ ରହିଥିବା ବେଳେ ବର୍ତ୍ତମାନ ରକ୍ତ ଦେବା ପରେ ତାହା ୯ ୟୁନିଟ କୁ ବର୍ଦ୍ଧିତ ହୋଇଛି। ବିରେନ୍ଦ୍ର ବର୍ତ୍ତମାନ ସୁସ୍ଥ ହେଉଥିବା ଚିକିତ୍ସା କରୁଥିବା ଡାକ୍ତର ପ୍ରଶାନ୍ତ କୁମାର ଦାସ କହିଛନ୍ତି।

## ଭଟଲି ବିଧାନସଭା ପ୍ରାର୍ଥୀ ସୁଶାନ୍ତ ସିଂଙ୍କୁ ସୋହେଲାରେ ସ୍ୱାଗତ

**ସୋହେଲା, ୧୩/୪(ସମିସ):** ବିଜୁ ଜନତା ଦଳ ତରଫରୁ ଭଟଲି ବିଧାନସଭା ଆସନ ନିମନ୍ତେ ପୂର୍ବତନ ମନ୍ତ୍ରୀ ତଥା ଲଗାତାର ୩ ଥର ବିଜୟୀ ହୋଇଥିବା ବିଧାୟକ ସୁଶାନ୍ତ ସିଂଙ୍କୁ ପ୍ରାର୍ଥୀ ଘୋଷଣା ପରେ ଆଜି ସୋହେଲାକୁ ପ୍ରଥମ ଆଗମନ ଅବସରରେ ବିଜୁ ଜନତା ଦଳ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭୁବନେଶ୍ୱରରୁ ଆସିବା ଅବସରରେ ବିଜେଡି କର୍ମୀମାନେ ଦଶମାଇଲ ଛକ ଠାରୁ ଏକ ବିରାଟ ବାଇକ ଶୋଭାଯାତ୍ରାରେ ପାଛୋଟି ଆଣିଥିଲେ। ଗତ କଛିଦିନ ପୂର୍ବରୁ ବିଜେପି ଦଳରୁ ଇସ୍ତଫା ଦେଇ ବିଜେଡିରେ ସାମିଲ ହୋଇଥିବା ବରିଷ୍ଠ ନେତା ସୁଶାନ୍ତ ମିଶ୍ର, ବିଜେଡି ବରଗଡ଼ ଲୋକସଭା ଆସନ ପ୍ରାର୍ଥୀ ପରିଣୀତା ମିଶ୍ର, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବିଜୁ ଯୁବ ଜନତା ଦଳ ଜିଲା ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷା ବବି ପ୍ରଧାନ, ବିଜେଡି ନେତା ସୁବ୍ରତ ସିଂ, ବ୍ଲକ ଉପାଧ୍ୟକ୍ଷ ଦିବ୍ୟ କିଶୋର ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁବ୍ରତ ବେହେରା, ବରିଷ୍ଠ ନେତା କାର୍ତ୍ତିକ ବାରିକ, ଗଣତନ୍ତ୍ର ପଧାନଙ୍କ ସମେତ ଭଟଲି ନିର୍ବାଚନ



ମଣ୍ଡଳୀର ବିଭିନ୍ନ ଗ୍ରାମରୁ ଆସିଥିବା ବିଜେଡି କର୍ମୀ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ଶ୍ରୀ ସିଂ ଦଶମାଇଲ ଛକରେ ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସୋହେଲାକୁ ଆସିଥିଲେ। ଦଶମାଇଲ ଛକରୁ ଏକ ଖୋଲା ଜିପରେ ଶ୍ରୀ ସିଂଙ୍କ ସହିତ ଲୋକସଭା ପ୍ରାର୍ଥୀ ପରିଣୀତା ମିଶ୍ର, ସୁଶାନ୍ତ ମିଶ୍ର, ମାନିନୀ ଭୋଇ ଏବଂ ବବି ପ୍ରଧାନଙ୍କୁ ବିଜେଡି କର୍ମୀମାନେ ବାଇକ ରାଲି କରି ସୋହେଲା ଦୁର୍ଗାମନ୍ଦିର ପର୍ଯ୍ୟନ୍ତ ନେଇ ଆସିଥିଲେ। ସୋହେଲା ମୁଖ୍ୟ ଛକରେ ସତ୍ୟାଗ୍ରହ ସ୍ମାରକୀ ପୀଠରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଦୁର୍ଗା ମନ୍ଦିରକୁ ଯାଇ ଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କୁ ଚତୁର୍ଥ ଥର ପାଇଁ ଭଟଲି ବିଧାନସଭା ଆସନ ନିମନ୍ତେ ପ୍ରାର୍ଥୀ ଘୋଷଣା କରିଥିବାରୁ ଶ୍ରୀ ସିଂ କୃତଜ୍ଞତା ଜ୍ଞାପନ କରିଥିଲେ।

## ହିନ୍ଦୁ ଯୁବ ସଂଗଠନ ଆନୁକୂଲ୍ୟରେ ଜନଜାଗରଣ ବାଇକ ଶୋଭାଯାତ୍ରା

**ବରଗଡ଼, ୧୩।୪(ସମିସ):** ବରଗଡ଼ ହିନ୍ଦୁ ଯୁବ ସଂଗଠନ ଆନୁକୂଲ୍ୟରେ ପବିତ୍ର ହନୁମାନ ଜୟନ୍ତୀ ମହୋତ୍ସବ ପାଳନ ପୂର୍ବ ସନ୍ଧ୍ୟାରେ ଜନଜାଗରଣ ପାଇଁ ଏକ ବିରାଟ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏହି ଶୋଭାଯାତ୍ରାରେ ସାମିଲ ହୋଇ ସହର ପରିକ୍ରମା କରିଥିଲେ। ଏକ ବିରାଟ ଶୋଭାଯାତ୍ରାରେ ଶଶତାଧିକ ହନୁମାନ ଭକ୍ତ ସାମିଲ ହୋଇ ବରଗଡ଼ ସହର ପରିକ୍ରମା କରିଥିଲେ। ହିନ୍ଦୁ ଯୁବ ସଂଗଠନର ସଭାପତି ଜିତୁ ଭୋଇ ଓ ସମ୍ପାଦକ ସୋମେନଲାଲ



ଦାଉଙ୍କ ନେତୃତ୍ୱରେ ଶୋଭାଯାତ୍ରାକାରୀ ମାନେ ସ୍ଲୋଗାନ ଦେଇ ଶାନ୍ତି ଶୃଙ୍ଖଳାର ସହ ନଗର ପରିକ୍ରମା କରି ଜନଜାଗରଣ ସୃଷ୍ଟି କରିଥିଲେ।

## କାରରୁ ଏକ ଲକ୍ଷ ଟଙ୍କା ଜବତ

**ଝାରବନ୍ଧ, ୧୩।୪(ସମିସ):** ଝାରବନ୍ଧ ବ୍ଲକ ଜଗଦଲପୁର ପୁଲିସ ପକ୍ଷରୁ ଆଗାମୀ ସାଧାରଣ ନିର୍ବାଚନକୁ ନିରପେକ୍ଷ କରିବାକୁ ଉଦ୍ୟମ କରାଯାଉଛି। ଛତିଶଗଡ଼ ସୀମାନ୍ତ ଧଉରାଭଟା ଛକ ଠାରେ ଥାନା ଅଧିକାରୀ କୈଳାଶ ଚନ୍ଦ୍ର ପ୍ରଧାନ, ଏଏସ୍ଆଇ ଶାନ୍ତନୁ ନାଏକ ଓ ସହକର୍ମୀ ଯାନବାହାନ ତନଖି କରୁଥିବା ସମୟରେ ଏକ ଚାରି ଚକିଆ ଯାନରୁ



ଏକ ଲକ୍ଷ ଟଙ୍କା ଜବତ କରିଛନ୍ତି। ମାଲିକ ନୂଆପଡ଼ା ଜିଲ୍ଲା ବୁରୋମାଲ ଗ୍ରାମର ଚିନିଲାଲ ସାହୁ ଟଙ୍କା ସମ୍ପର୍କରେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନଥିବାରୁ ଟଙ୍କା ଜବତ କରାଯାଇଛି। ପୁଲିସ ପକ୍ଷରୁ ପ୍ରତ୍ୟହ ସୀମାନ୍ତରେ ଚେକିଂକୁ ଜୋରଦାର କରାଯାଇଛି।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ଗାଇସିଲେଟ, ୧୩।୪ (ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ସନ୍ଧିବାହାଲ ଗ୍ରାମପଞ୍ଚାୟତ ସ୍ଥିତ ଶାନ୍ତି ମୈତ୍ରୀ ଉଚ୍ଚ ବିଦ୍ୟାପୀଠର ଚତୁର୍ଥ ଶ୍ରେଣୀ କର୍ମଚାରୀ ଗୁରୁଦେବ ସେଠଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ରୁକ୍ମଣ ଦିଶ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟିର ସଭାପତି ଦେବେନ୍ଦ୍ର କୁମାର ଯୋଶୀ, ସମ୍ମାନିତ ଅତିଥି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଜଗଲପାଟର ପ୍ରଧାନଶିକ୍ଷକ ବିଶ୍ୱନାଥ ବେହେରା, ସରଧାପାଲି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉକିଲ ପାଣ୍ଡେ, ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଷ୍ଣୁ ଭୋଇ, ଓସ୍ତାର ବ୍ଲକ ସଭାପତି ପ୍ରଶାନ୍ତ ହୋତା, ସମ୍ପାଦକ ନବୀନ ବରିହା, ପରିଚାଳନା କମିଟିର ସଭ୍ୟ କିଶୋର ବନଛୋର, ରବୀନ୍ଦ୍ରନାଥ ଠାକୁର, ରାଜେନ୍ଦ୍ର ବରିହା, ଜାମମାଲ ୟୁପିସ୍କୁଲ ପ୍ରଧାନ ଶିକ୍ଷକ ସତ୍ୟନିଧି ମଟାରୀ ପ୍ରମୁଖ ଯୋଗଦାନ କରିଥିଲେ। ଛାତ୍ରୀ ଅନିମା ପଧାନ, ପ୍ରୀତିମୟୀ ସାହୁ ସଭା ପରିଚାଳନା କରିଥିବା ବେଳେ ଶିକ୍ଷକ ଡୋଲାମଣୀ ତରିଆ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ବାମନ ସାହୁ, ଘନଶ୍ୟାମ ପାଣିଗ୍ରାହୀ, ଗଙ୍ଗାଧର ସାହୁ, କନ୍ଦର୍ପ ଜୁଆଡ଼ି, ଗୁଣନିଧି ସାହୁ ସହଯୋଗ କରିଥିଲେ।

**ଝାରବନ୍ଧ ପୁଲିସକୁ ଗଞ୍ଜେଇ ମାଫିଆଙ୍କ ଆକ୍ରମଣ ଘଟଣା : ୧୪ ଗିରଫ**

# ଗଞ୍ଜେଇ ଚାଲାଣ ଏବଂ ପୁଲିସକୁ ଆକ୍ରମଣ ଘଟଣାରେ ଦୁଇ ମାମଲା ରୁଜୁ

**ବରଗଡ଼, ୧୩।୪(ସମିସ)**

ବରଗଡ଼ ଜିଲ୍ଲା ଝାରବନ୍ଧ ଥାନା ଝୋଝୋନରା ନିତ୍ୟାନନ୍ଦପୁରରେ ପୁଲିସକୁ ଗଞ୍ଜେଇ ମାଫିଆଙ୍କ ଆକ୍ରମଣ ଘଟଣାରେ ୪ ମହିଳା ସମେତ ୧୪ ଜଣ ଗିରଫ ହୋଇଥିବା ନେଇ ଉତ୍ତରାଞ୍ଚଳ ଆଇଜି

**■ ୪ ମହିଳା ସମେତ ୧୪ ଗିରଫ,**
**■ ୬ ବାଇକ୍, ୨ କାର୍ ଜବତ**

ହିମାଂଶୁ ଲାଲ ସୂଚନା ଦେଇଛନ୍ତି। ଶନିବାର ସଂଧ୍ୟାରେ ବରଗଡ଼ ପୁଲିସ ମୁଖ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏନେଇ ଆଇଜି ଶ୍ରୀ ଲାଲ ବିସ୍ତୃତ ସୂଚନା ଦେଇଥିଲେ। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ନାନୁ ସାହୁଙ୍କ ସମେତ ୧୪ ଜଣଙ୍କୁ ଗିରଫ କରାଯାଇଥିବା ଏବଂ ଅନ୍ୟମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି କହିଥିଲେ। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ମୁଖ୍ୟ ଅଭିଯୁକ୍ତ ଝାରବନ୍ଧ ଥାନା ନିତ୍ୟାନନ୍ଦପୁରର ନାନୁ ଓରଫ ଝସକେତନ ସାହୁଙ୍କ ସମେତ ପପୁ ସାହୁ, ଯୁଗଲ କିଶୋର ସାହୁ, ଜନକ ସାହୁ, ଅବନୀ ସାହୁ, ଭେନଶେଖର ସାହୁ, ଅନ୍ତର ସାହୁ, ରାଜନ ସାହୁ, ତୁଳସୀବତୀ ସାହୁ, ରାଜମତୀ ସାହୁ, ହୀରାବାଇ ସାହୁ, ମାଧୁରୀ ସାହୁ, ନୂଆପଡ଼ା ଜିଲ୍ଲା ବେଲଟୁକରୀର ଶୋଭାରାମ ପଟେଲ ଏବଂ ପରମେଶ୍ୱର ପଟେଲ ବୋଲି ସେ ସୂଚନା ଦେଇଛନ୍ତି।



ଝାରବନ୍ଧ ଥାନା ଝୋଝୋନରା ନିତ୍ୟାନନ୍ଦପୁର ଛକରେ ନାନୁ ସାହୁ ଗଞ୍ଜେଇ କାରବାର କରୁଥିବା ଅଭିଯୋଗ ହୋଇଥିଲା। ଗତ ବୁଧବାର ଛତିଶଗଡ଼ ବସନା ଥାନା କେଶରପୁର ଗ୍ରାମର ଜୟକୁମାର ସାହୁ ଓ ଅରବିନ୍ଦ ଭୋଇକୁ ୩ କେଜି ଗଞ୍ଜେଇ ଦେଇ ଓଡ଼ିଶା ସୀମା ପାର କରୁଥିବା ବେଳେ ଝାରବନ୍ଧ ପୁଲିସ ହାବୁଡ଼ରେ ପଡ଼ିଥିଲେ। ମାତ୍ର ମୁଖ୍ୟ ଅଭିଯୁକ୍ତ ନାନୁ କୌଶଳ କ୍ରମେ ସେଠାରୁ ଫେରାର ହେବାକୁ ସକ୍ଷମ ହୋଇଥିଲା। ପରଦିନ ଗୁରୁବାର ଭୋରରୁ ଥାନା ଅଧିକାରୀ ଶୁଚିସ୍ମିତା ମହାନ୍ତିଙ୍କ ନେତୃତ୍ୱରେ ଏଏସଆଇ ସମାରୁ ନାଗ, ଆକାଶ ପ୍ରଧାନ, ଡାକ୍ତର ଷଣ୍ଢ ଓ ପୁଲିସ ସହକର୍ମୀ ଚଢ଼ାଉ କରିଥିଲେ। ଗଞ୍ଜେଇ



ମାଫିଆ ନାନୁକୁ ଧରିବା ସମୟରେ ପୁଲିସ ଗଞ୍ଜେଇ ମାଫିଆର ପରିବାରର ରୋଷର ଶିକାର ହୋଇଥିଲା। ଗଞ୍ଜେଇ ମାଫିଆର ପରିବାରର ଆକ୍ରମଣରେ ପୁଲିସ ଲହୁଲୁହାଣ ହୋଇଥିଲା। ଏଥିରେ ଦୁଇ ଜଣ ପୁଲିସ କର୍ମଚାରୀ ଆହତ ହେବା ସହ ପୁଲିସ ଗାଡ଼ିକୁ ଭଙ୍ଗାରୁଜା କରିଥିଲା। ପରେ ସ୍ଥାନୀୟ ସରପଞ୍ଚ ଚୈତରାମ ନାଏକ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ବେଲଟୁକୁରୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଏସପି ପ୍ରହ୍ଲାଦ ସହାୟ ମୀନା ଉପସ୍ଥିତ ଥିଲେ। ଗଞ୍ଜେଇ ଚାଲାଣ ମାମଲାରେ ୨ ଟି ମୋଟର ସାଇକେଲ, ନଗଦ ୧୫ ହଜାର ଟଙ୍କା, ୩ କେଜି ଗଞ୍ଜେଇ ସହ ପୁଲିସକୁ ଆକ୍ରମଣ ଘଟଣାରେ ବ୍ୟବହାର କରାଯାଇ ଥିବା ୬ଟି ବାଇକ, ୨ ଟି କାର ଜବତ କରାଯାଇଥିବା ସୂଚନା ଦିଆଯାଇଛି। ଏ ନେଇ ଝାରବନ୍ଧ ଥାନାରେ ଗଞ୍ଜେଇ ଚାଲାଣ ଏବଂ ପୁଲିସକୁ ଆକ୍ରମଣ ଘଟଣାରେ ଦୁଇଟି ମାମଲା ରୁଜୁ ହୋଇଥିବା ବେଳେ ଗିରଫ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଆକ୍ରମଣ ଘଟଣାରେ ପାଖାପାଖି ୨୫ ଜଣ ସମ୍ପୃକ୍ତ ଥିବା ବେଳେ ଅନ୍ୟ ସହଯୋଗୀଙ୍କୁ ପୁଲିସ ଗିରଫ କରିବା ନେଇ ଉଦ୍ୟମ ଜାରି ରଖିଛି।

## ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲରେ ଜେଜେମାଆ, ଜେଜେବାପା ସମ୍ମିଳନୀ




**ବରଗଡ଼, ୧୩।୪(ସମିସ):** ସଂସ୍କାର ଇଣ୍ଟର ନ୍ୟାସନାଲ ସ୍କୁଲ ଠାରେ 'ଗ୍ରାଜୁଏସନ୍ ଡେ ଆରୋମା' ସହ ଜେଜେମାଆ ଜେଜେବାପା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ କୁନି କୁନି ଛାତ୍ରଛାତ୍ରୀ ମାନେ ସୁନ୍ଦର ପୋଷାକ ପରିଧାନ କରିବା ସହ ଇଂରାଜୀ ନାଟକ, ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ପିଲାମାନଙ୍କୁ ଜେଜେମାଆ ଜେଜେବାପା ମାନେ ଆର୍ଶୀବାଦ ପ୍ରଦାନ କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ତଥା ପରିଚାଳନା କମିଟି ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। ବିଦ୍ୟାଳୟର ଚେୟାରମେନ ସୁମନ ସାୱଡିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ସଂସ୍କାର ସାପିଲିଙ୍ଗ ଡାଇରେକ୍ଟର ସିଦ୍ଧାର୍ଥ ସାୱଡିଆ, ଏକାଡେମିକ କୋର୍ଡିନେଟର ସୀମା ସାହୁ, କୋର୍ଡିନେଟର ସୁଶ୍ରୀ ରୀତା ନାୟକ, ମମତା ସିହ୍ନା, ପରିଚାଳନା କମିଟିର ସଦସ୍ୟା ବବିତା ସାୱଡିଆ, ମେଘା ସାୱଡିଆ ଓ ୟୁକେଜି ଶ୍ରେଣୀର ସମସ୍ତ ଅଭିଭାବକ ଅଭିଭାବିକା, ଜେଜେମାଆ ଜେଜେବାପା ମାନେ ଯୋଗ ଦେଇଥିଲେ। ଶେଷରେ ଶିକ୍ଷୟତ୍ରୀ ମଧୁମିତା ସରାପ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ପିଚୁ ହୋଇପାରୁନି ଶିମିଳିପଦର-ଜାମ୍ବୁମାଳ ରାସ୍ତା

# ଯାହାକୁ କହିଲେ କେବଳ ପ୍ରତିଶ୍ରୁତି



**ଶଗଡ଼ା, ୧୩।୪(ସମିସ):** କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ସଦର ମହକୁମାରୁ ଜାମ୍ବୁମାଳ ଯାଇଥିବା ରାସ୍ତା ଆଜି ପର୍ଯ୍ୟନ୍ତ ପିଚୁ ହୋଇପାରୁନି। ଏହି ରାସ୍ତା ପାଇଁ ଅଞ୍ଚଳବାସୀ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଛନ୍ତି; ହେଲେ ଖାଲି ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ମିଳୁଛି। କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତରୁ ମାତ୍ର ୩ କିଲୋମିଟର ଦୂର ଜାମ୍ବୁମାଳକୁ ଯାଇଥିବା ରାସ୍ତା ଦେଇ ଦୈନନ୍ଦିନ ଅନେକ ଛାତ୍ରଛାତ୍ରୀଙ୍କ ସହ ହଜାର ହଜାର ଲୋକ ଯିବା ଆସିବା କରନ୍ତି। ପଞ୍ଚାୟତର ଏହି ରାସ୍ତା ଉପରେ ଗବଜୋର, ପଥର୍ଲା, ଲୋକାପଡ଼ା, ଜାମ୍ବୁମାଳ, ତୁଳସୀକଟା, ଫଗୁଣାମାଳ, କୀର୍ଲା ଓ କଣ୍ଟିଆପାଲି ପ୍ରମୁଖ ଗ୍ରାମ ଗୁଡ଼ିକର ଲୋକେ ପଞ୍ଚାୟତକୁ ଭତ୍ତା ଓ ଚାଉଳ ସହ ଅନେକ କାମ ଲାଗି ଯିବା ସହ ମନମୁଣ୍ଡା ତଥା ପଡୋଶୀ ଜିଲ୍ଲା ସୁବର୍ଣ୍ଣପୁର ଯିବାକୁ ମଧ୍ୟ ଏହି ରାସ୍ତା ସୁବିଧା ହୁଏ। ବର୍ଷା ଦିନେ ଏହି ରାସ୍ତା ଖାଲଖମା ସହ ନାଳରେ ପାଣି ଜମୁଥିବାରୁ ଯାତାୟାତରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ରାସ୍ତା ମରାମତି ହେଉ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାର ରାସ୍ତା ନିର୍ମାଣ ଦିଗରେ ଅନେକ ଯୋଜନା ପ୍ରଣୟନ କରି ବିପୁଳ ଅର୍ଥ ବିନିଯୋଗ କରୁଛନ୍ତି; କିନ୍ତୁ ପ୍ରଶାସନ ଆଜି ପର୍ଯ୍ୟନ୍ତ ଏହି ରାସ୍ତା ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଲୋକଙ୍କ ଭିତରେ ଅସନ୍ତୋଷ ଦାନା ବାନ୍ଧୁଛି।

**ପ୍ରଶାସନର ଅଣଦେଖା ନେଇ ଅସନ୍ତୋଷ**

# ପୃଥକ୍ ଦୁର୍ଘଟଣାରେ ଦୁଇ ଗୁରୁତର

**ତୁଷୁରା, ୧୩।୪(ସମିସ):** ଗୁଡଭେଲା ବ୍ଲକରେ ୨ଟି ପୃଥକ୍‌ପୃଥକ୍ ଦୁର୍ଘଟଣାରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଗୁଡଭେଲା ବ୍ଲକର ଝମ୍ପେଲ ଗାଁର ଝରଣା ମାଝୀ (୪୦)ତାଙ୍କ ସ୍ୱାମୀଙ୍କ ସହିତ ବାଇକ୍‌ରେ ଯାଉଥିବା ସମୟରେ କୌଣସି କାରଣରୁ ବାଇକ୍‌ରୁ ପଡ଼ି ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ତେବେ ଅନ୍ୟ ଏକ ଘଟଣାରେ ସମରା ଗ୍ରାମର ବିଭୁତି କାଲସାଏ (୩୦) ବାଇକ୍‌ରେ ଯାଉଥିବା ସମୟରେ ବଙ୍ଗୋମୁଣ୍ଡା ଉଡାଜାହାଜ ଫିଲ୍ଡ ସାମ୍ନାରେ ବାଇକ୍‌ରୁ ପଡ଼ି ମୁହଁରେ ଆଘାତ ଲାଗିବାରୁ ତୁଷୁରା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।



# ମଧୁସୂଦନପୁରରେ ଅଦ୍ଭୁତ ବାଛୁରୀ ଜନ୍ମ

**ହରଭଙ୍ଗା, ୧୪।୪(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ମଧୁସୁଦନପୁର ଗ୍ରାମରେ ଏକ ଅଦ୍ଭୁତ ବାଛୁରୀ ଜନ୍ମ ହୋଇଛି। ଏହି ଗାଁର ଦୁର୍ଯ୍ୟୋଧନ ଦଳବେହେରାଙ୍କ ଗାଈ ଏକ ଅଦ୍ଭୁତ ବାଛୁରୀକୁ ଜନ୍ମ ଦେଇଛି। ବାଛୁରୀଟିର ମୁହଁ ମାଙ୍କଡ଼ ମୁହଁ ଭଳି ଦେଖାଯାଉଛି। ଏହି ବାଛୁରୀ ର ଫଟୋ ଏବେ ଭାଇରାଲ ହେବାରେ ଲାଗିଛି। ତେବେ ବିଳମ୍ବିତ ରାତି ହୋଇଥିବାରୁ ପଶୁ ଚିକିତ୍ସକ ପହଞ୍ଚି ପାରିନାହାନ୍ତି। ରବିବାର ସକାଳେ ବାଛୁରୀର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ।



ମେଣ୍ଡାରେ ସଂଘଠିତ ଚୋରି ଘଟଣାର ପର୍ଦ୍ଦାଫାସ

# ବିଶ୍ୱାସରେ ବିଷ ଦେଲେ ପଡୋଶୀ

**ତରଭା, ୧୩।୪(ସମିସ)**

ତରଭା ଥାନା ଅଧୀନ ମେଣ୍ଡା ଗ୍ରାମରେ ହୋଇଥିବା ଏକ ବଡ ଧରଣର ଚୋରି ଘଟଣାର ପର୍ଦ୍ଦାଫାସ ହୋଇଛି। ତରଭା ପୁଲିସ ସମସ୍ତ ୮ ଜଣ ଅଭିଯୁକ୍ତଙ୍କୁ ଧରିବା ସହ ଚୋରି ସାମଗ୍ରୀ ଉଦ୍ଧାର କରିଛି। ତେବେ ପଡୋଶୀ ହିଁ ବିଶ୍ୱାସରେ ବିଷ ଦେଇ ଚୋରି କରିଥିବା ପୁଲିସ ଜାଣିବାକୁ ପାଇଛି। ୭ ତାରିଖ

**୮ ଅଭିଯୁକ୍ତ ଗିରଫ, ଚୋରି ସାମଗ୍ରୀ ଉଦ୍ଧାର**

ଏହି ଘଟଣାରେ ପ୍ରଥମେ ମେଣ୍ଡା ଗ୍ରାମର ଦୁଇ ଭାଇ ଅଶୋକ ଫରିକର (୪୯) ଓ ଶଙ୍କରଲାଲ ଫରିକର (୫୨)କୁ ପୁଲିସ ଗିରଫ କରି କରିଥିଲା। ଏହି ଘଟଣାରେ ଶନିବାର ଆଉ ୨ ଜଣ ଅଭିଯୁକ୍ତ ବରୁଣ ପଧାନ (୨୬) ଓ ସୋନୁ ମେହେର (୨୯)କୁ ପୁଲିସ ଗିରଫ କରିଛି। ଏହା ସହ ସାଗରପାଲି ଗ୍ରାମର ଯୋଗେଶ ସାଥୁଆ (୩୦), ମେଣ୍ଡା ଗ୍ରାମର ବଶିଷ୍ଠ ମେହେର(୫୦), ରଞ୍ଜିତ ଦାସ (୪୩), ଭୋଲା ଫରିକର (୫୫)କୁ ଚୋରି ସାମଗ୍ରୀ ରଖିବା ଓ କିଣିବା ଅଭିଯୋଗରେ ପୁଲିସ ଗିରଫ କରିଛି।

ଏହା ସହ ଚୋରି ହୋଇଥିବା ପ୍ରାୟ ୫ ଭରି ସୁନା, ରୁପା ଅଳଙ୍କାର, ଅନେକ ପିତ୍ତଳ ସାମଗ୍ରୀ ସହ ୩୭ ହଜାର ଟଙ୍କା ଉଦ୍ଧାର ହୋଇଛି। ତରଭା ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ଏହି ସୂଚନା ଦେଇଛନ୍ତି। ରହିଥିଲା। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ତାଙ୍କ ଘରର ସମସ୍ତ ସୁନା, ରୁପା ଅଳଙ୍କାର, ପିତ୍ତଳ ସାମଗ୍ରୀ ତଥା ବିଭିନ୍ନ ସାମଗ୍ରୀ ଚୋରି ନେଇଯାଇଛନ୍ତି। ଚଳିତ ମାସ ୪ ତାରିଖ ଘରକୁ ଫେରିବା ପରେ ସେ ଘରର ବିଭିନ୍ନ ସାମଗ୍ରୀ ନ ପାଇ ପୁଲିସକୁ ଖବର ଦେଇଥିଲେ। ଅନିତା କିଡୋ, ମେଣ୍ଡା ଫାଣ୍ଡି ଅଧିକାରୀ ରବୀନ୍ଦ୍ର ସାହୁଙ୍କୁ ନେଇ ଗଠିତ ଟିମ୍ ତଦନ୍ତ ଆରମ୍ଭ କରିଥିଲା। ଶନିବାର ସମସ୍ତ ୬ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁସାରେ, ମୋନାଲିସାଙ୍କ ବାପା ଅସୁସ୍ଥ ହେବାରୁ ସେମାନେ ଚିକିତ୍ସା ପାଇଁ






ଚଳିତ ମାସ ୫ ତାରିଖ ମୋନାଲିସା କର ମେଣ୍ଡା ଥାନାରେ ଅଭିଯୋଗ କରିଥିଲେ ଯେ, ତାଙ୍କ ବାପାଙ୍କ ଚିକିତ୍ସା ପାଇଁ ସେ ଓ ତାଙ୍କ ପରିବାର ଗତ ବର୍ଷ ଅକ୍ଟୋବରରୁ ଭୁବନେଶ୍ୱରରେ ରହିଥିଲେ। ଏହି ସମୟରେ ତାଙ୍କ ମେଣ୍ଡାସ୍ଥିତ ଘରଟି ସମ୍ପୂର୍ଣ୍ଣ ବନ୍ଦ ଏହି ଅଭିଯୋଗକୁ ଭିତ୍ତି କରି ପୁଲିସ କେଶ ନମ୍ବର ୧୩୧ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସୋନପୁର ଏସ୍‌ପି ଯଶପ୍ରତାପ ଶ୍ରୀମାଳଙ୍କ ନିର୍ଦ୍ଦେଶରେ ଏସ୍‌ଡ଼ିପିଓ ପ୍ରତାପଚନ୍ଦ୍ର ତ୍ରିପାଠୀ, ଇନ୍‌ସ୍‌ପେକ୍ଟର ରମେଶ ମାହାଣା, ତରଭା ଆଇଆଇସି ସପରିବାର ଭୁବନେଶ୍ୱର ଯାଇଥିଲେ। ଗଲାବେଳେ ପଡୋଶୀଙ୍କୁ ଘର ପ୍ରତି ଦୃଷ୍ଟି ରଖିବାକୁ ଅନୁରୋଧ କରିଥିଲେ; ହେଲେ ପଡୋଶୀ ଏହି ଘଟଣାରେ ମୁଖ୍ୟ ବୋଲି ଜାଣିବା ପରେ ସ୍ଥାନୀୟ ଅଞ୍ଚଳରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି।

# ନର୍ଲାରେ ବିଜେଡି ସାଂସଦ ଓ ବିଧାୟିକା ପ୍ରାର୍ଥୀଙ୍କ ରୋଡ୍ ଶୋ

**ନର୍ଲା/ମ.ରାମପୁର, ୧୩।୪ (ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳ ପକ୍ଷରୁ ନର୍ଲା ବିଧାୟକ ପ୍ରାର୍ଥୀ ମନୋରମା ମହାନ୍ତି ଓ କଳାହାଣ୍ଡି ଲୋକସଭା ପ୍ରାର୍ଥୀ ଲମ୍ବୋଦର ନିଆଲଙ୍କ ନିର୍ବାଚନୀ ପ୍ରଚାର ଆରମ୍ଭ ହୋଇଯାଇଛି। ନର୍ଲା ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ମନୋରମା ମହାନ୍ତିଙ୍କ ସହ ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ ଦଳୀୟ ସମର୍ଥକଙ୍କ ସହ ପୂର୍ବାହ୍ନରୁ ପ୍ରଚାର ଆରମ୍ଭ କରିଛନ୍ତି। ଉତ୍ସାହିତ ବିଜେଡି କର୍ମୀମାନେ ପାରମ୍ପରିକ ବାଦ୍ୟ ସହିତ ଫୁଲତୋଡ଼ା ଦେଇ ଉଭୟଙ୍କୁ ସ୍ୱାଗତ କରିଥିଲେ। ଶହଶହ ଦଳୀୟକର୍ମୀଙ୍କ ସହ ସାଧାରଣ ଲୋକ ଉଭୟଙ୍କୁ ସ୍ୱାଗତ ଓ ଶୁଭକାମନା ଜଣାଇଥିଲେ। ସ୍ଥାନୀୟ ପ୍ରାର୍ଥୀତ୍ୱକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନର୍ଲାବାସୀଙ୍କ ଭାବାବେଗକୁ ହୃଦୟଙ୍ଗମ କରିଥିବା ହେତୁ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ମଦନପୁର ରାମପୁର ବ୍ଲକ ଠାରୁ ପୂର୍ବାହ୍ନରୁ ଶତାଧିକ କର୍ମୀଙ୍କ ସହ ରୋଡ୍ ଶୋ ମାଧ୍ୟମରେ ନିର୍ବାଚନମଣ୍ଡଳୀ ପରିକ୍ରମା କରିଥିଲେ। ମଦନପୁର, ରାମପୁର, ସେରଗଡ଼, ତୁଳାପଡ଼ା, ବାଲିପଡ଼ା, ବାଗପୁର, ନର୍ଲା, ସର୍ଗିଗୁଡ଼ା, ଘଣ୍ଟମାଲ, ଶାନ୍ତପୁର, ନିଶାନପୁର, ଉଲିକୁପା ଓ ଶରିଆ ଆଦି ଅଞ୍ଚଳ ବୁଲି ଲୋକଙ୍କ ପାଖରୁ ଆଶୀର୍ବାଦ ଗ୍ରହଣ କରିଥିଲେ। ବିଧାୟିକା ପ୍ରାର୍ଥୀ ମନୋରମା ଅଞ୍ଚଳର ବୋହୂ ଭାବରେ ତାଙ୍କୁ ସେବା କରିବାର ଏକ ସୁଯୋଗ ଦେବା ପାଇଁ ଲୋକଙ୍କ ଆଶୀର୍ବାଦ ଲୋଡ଼ିଥିଲେ। ସ୍ଥାନୀୟ ଅଞ୍ଚଳର ବୋହୂ ଓ ଜଣେ ମହିଳା ପ୍ରାର୍ଥୀଙ୍କୁ ନର୍ଲା ବିଧାନସଭା କ୍ଷେତ୍ରରେ ସୁଯୋଗ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଓ ବିଜେଡି ସାଂଗଠନିକ ସମ୍ପାଦକ ବବି ଦାସଙ୍କୁ ଅଞ୍ଚଳବାସୀ ଧନ୍ୟବାଦ ଜଣାଇବା ସହ କୃତଜ୍ଞତା ଜଣାଇଛନ୍ତି।



**ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ**

# ଆକାଶରେ ଉଡ଼ିଲେ ଜିଲ୍ଲାର ପ୍ରଥମ ପାଇଲଟ୍ ହେମନ୍ତ

**ନୂଆପଡ଼ା/ଖଡ଼ିଆଳ, ୧୩।୪(ସମିସ):** ନୂଆପଡ଼ା ଜିଲ୍ଲା ଇତିହାସରେ ପ୍ରଥମ ଥର ପାଇଁ ପାଇଲଟ ଭାବେ ଆକାଶରେ ଉଡିଛନ୍ତି ସିନାପାଲି ବ୍ଲକ ନିଲଜି ଗାଁର ହେମନ୍ତ କୁମାର ଅଗ୍ରୱାଲ। ନିଲଜୀ ଗାଁର ଡ. ମନୋଜ ଏବଂ ବବିତାଙ୍କ ପୁଅ ହେମନ୍ତ ପ୍ରାଥମିକ ସହ ହାଇସ୍କୁଲ ଶିକ୍ଷା ଗ୍ରହଣ ପରେ ଛତିଶଗଡ଼ରେ ଯୁକ୍ତ ଦୁଇ ପାସ ପରେ ଇଣ୍ଡିଆନ ଏୟାରଲାଇନ୍ସରେ ଚାକିରୀ ପାଇଛନ୍ତି। ଦୀର୍ଘଦିନର ତାଲିମ ପରେ ଶନିବାର ତାଙ୍କର ପ୍ରଥମ ଉଡ଼ାନ ଥିଲା। ଏହି ଖବର ସାମାଜିକ ଗଣମାଧ୍ୟମରେ ପ୍ରକାଶ ପରେ ଗାଁରେ ଖୁସିରଲହରୀ ଖେଳିଯାଇଛି।



# ସମସ୍ତ ଦଣ୍ଡପୀଠରେ ମେରୁପୂଜା ସମ୍ପନ୍ନ

**ମ.ରାମପୁର, ୧୩।୪(ସମିସ):** ତେର ଦିନ ଆଗରୁ ଆରମ୍ଭ ହେଇଥିବା କାମନା ଦଣ୍ଡଯାତ୍ରାର ଆଜି ମେରୁପୂଜା ସମ୍ପନ୍ନ ହୋଇଛି। ଏହି ବ୍ଲକରେ ଥିବା ତଳସାଗରପଡ଼ା, ବୁରାଟ, ପଣ୍ଡକାମାଲ (କଲୋନୀପଡ଼ା), ଶୁଣ୍ଠିପଡ଼ା, ସାର୍କିହେଜୁ, ମୋହନଗିରି (ଧରୁଆପଡ଼ା) ବମକ, ଆମ୍ବଗାଁ (ବାବୁପଡ଼ା) ଆଦି କାମନାଦଣ୍ଡ ପୀଠରେ ବହୁଆଡ଼ମ୍ବର ସହକାରେ ପୂଜା ସମ୍ପନ୍ନ ହୋଇଯାଇଛି। ପ୍ରତି ପୀଠରେ ଶହଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ହୋମଯଜ୍ଞ, ନୀତିକାନ୍ତି ସହ ପାଟଦଣ୍ଡୁଆ, ପାଟଭୋକ୍ତା, ଦଣ୍ଡଗୁରୁଙ୍କ ନେତୃତ୍ୱରେ ପୂଜା କରାଯାଇଛି। ମେରୁପୂଜା ରାତିରେ କାମନାଦଣ୍ଡର ଶେଷଯାତ୍ରା ହେଇଥାଏ।



ମା'ତାରିଣୀ ଅଷ୍ଟଚଣ୍ଡୀ ଝାମୁଯାତ୍ରା

# ନିଆଁରେ ଚାଲିଲେ ବରୁଆ ଓ ଭକ୍ତ

**କର୍ଲାମୁଣ୍ଡା, ୧୩।୪(ସମିସ):** କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ସ୍ଥିତ ମା' ତାରିଣୀ ଶୈବଶକ୍ତି ପୀଠରେ ଚାଲିଥିବା ଚୈତ୍ର ମହୋତ୍ସବର ପ୍ରଥମ ଦିବସରେ ମା' କାଳସୀ ରୂପରେ ମନ୍ଦିରରୁ ବାହାରି ନଗରପରିକ୍ରମା କରି ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ଦ୍ୱିତୀୟ ଦିବସରେ ମା' ତାରିଣୀ ଅଷ୍ଟଚଣ୍ଡୀଙ୍କ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମା' ତାରିଣୀ ଅଷ୍ଟଚଣ୍ଡୀଙ୍କ ମନ୍ଦିର ସମ୍ମୁଖସ୍ଥ ପଡ଼ିଆରେ ୧୦ ଫୁଟର ତିନୋଟି ଖନ୍ଦା କରାଯାଇ ନିଆଁରେ ଭର୍ତ୍ତି କରାଯାଇଥିଲା। ପୂଜାର୍ଚ୍ଚନା କରିବା ପରେ ଘଣ୍ଟ, ଶଙ୍ଖ ଓ ହୁଳହୁଳି ବାଦ୍ୟରେ ପ୍ରକମ୍ପିତ ହୋଇ ଉଠିଥିଲା। ମାନସିକ କରିଥିବା ଭକ୍ତ ଏବଂ ବରୁଆ ନିଆଁରେ ଚାଲିଥିଲେ। ଦୀର୍ଘ ୧୩ ବର୍ଷ ହେଲା ଚାଲି ଆସୁଥିବା ଝାମୁଯାତ୍ରାରେ ପ୍ରାୟ ହଜାରହଜାର ଭକ୍ତମାନେ ଉପସ୍ଥିତ ହୋଇ ମା'ଙ୍କୁ ଦର୍ଶନ କରିଥାନ୍ତି। ଏହି ପୀଠରେ ଆସନ୍ତା ରବିବାର ହନୁମାନ ଜୟନ୍ତୀ, ପଣା ସଂକ୍ରାନ୍ତି ସହ ଷୋହଳପ୍ରହର ନାମଯଜ୍ଞ ଆୟୋଜନ କରାଯାଉଥିବା ଆୟୋଜକ କମିଟିରୁ ଜଣାପଡ଼ିଛି।



ସମସ୍ୟା ଘେରରେ ପାଟଲିପଡ଼ା ପ୍ରାଥମିକ ବିଦ୍ୟାଳୟ

# ଫାଟକ ଚକ୍ ଚକ୍; ପାଚେରି ନାହିଁ

**ଜହ୍ନାପଙ୍କ, ୧୩।୪(ସମିସ)**

ବୌଦ୍ଧ ବ୍ଲକ ଆମ୍ବଝରୀ ପଞ୍ଚାୟତର ପାଟଲିପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ସମସ୍ୟା ଘେରରେ ରହିଛି। ଶିକ୍ଷାର ବିକାଶ ପାଇଁ ଲାଗୁଛି ବିଦ୍ୟାଳୟଟି ଆଉ ବ୍ୟବହାର ହେଉ ନାହିଁ। ସତେକି ଲାଗୁଛି ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ବିଦ୍ୟାଳୟକୁ ବନ୍ଦ କରିଦିଆଯାଇଛି। ବିଦ୍ୟାଳୟର ପାଚେରି ନ ଥିବାରୁ ଶୈକ୍ଷିକ ପରିବେଶ ନଷ୍ଟ ହେଉଛି। ସ୍କୁଲଟି ବୁଲା ଗାଈଗୋରୁଙ୍କ ଚାରଣ

- ବୁଲା ଗାଈଗୋରୁଙ୍କ ଚାରଣ ଭୂଇଁ ପାଲଟିଛି
- ସ୍କୁଲ ପରିସର ଅସାମାଜିକ ବ୍ୟକ୍ତିଙ୍କ ଆଡ଼ାସ୍ଥଳ
- ଛାତ୍ରଛାତ୍ରୀଙ୍କ ପାଇଁ ବିଦ୍ୟାଳୟରେ ଶୌଚାଳୟ ନାହିଁ

୨୦୦୮ରେ ଏହି ବିଦ୍ୟାଳୟ ସ୍ଥାପନ ହୋଇଥିଲା। ତେବେ ବର୍ତ୍ତମାନ ଏହା ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶ୍ରେଣୀଗୃହ ନିର୍ମାଣ ହେବା ଦିନରୁ କାନ୍ଥରେ ଯେଉଁ ରଙ୍ଗ କରାଯାଇଥିଲା। ଆଜି ପର୍ଯ୍ୟନ୍ତ ଆଉ ରଙ୍ଗ ହୋଇ ନ ଥିବା ଅଭିଯୋଗ ହୋଇଛି। ଦେଖିଲେ ଭୂଇଁ ପାଲଟିଛି। କେବଳ ଫାଟକ ନିର୍ମାଣ ହୋଇ ଗେଟ୍ ଲାଗିଛି। ଚକ୍ ଚକ୍ ଦିଶୁଛି ଫାଟକ; ହେଲେ ପାଚେରି ନ ଥିବା ଫଳରେ ବିଦ୍ୟାଳୟ ପରିସରରେ ବାହ୍ୟ ପିଲାମାନେ କ୍ରିକେଟ ଖେଳୁଛନ୍ତି। ସ୍କୁଲ ପରିସର ଅସାମାଜିକ ବ୍ୟକ୍ତିଙ୍କ ଆଡ଼ାସ୍ଥଳ ପାଲଟିଛି। ବିଦ୍ୟାଳୟ ପରିସରରେ କୌଣସି ସୌନ୍ଦର୍ଯ୍ୟକରଣ କରାଯାଇ ପାରୁନାହିଁ। ଛାତ୍ରଛାତ୍ରୀଙ୍କ ପାଇଁ ବିଦ୍ୟାଳୟରେ ଶୌଚାଳୟ ନାହିଁ। ଏହା ଫଳରେ ଛାତ୍ରଛାତ୍ରୀ ବିପଦକୁ ଆମନ୍ତ୍ରଣ କରି ବାହାରକୁ ଶୌଚ ଓ ପରିସ୍ରା କରିବାକୁ ଯାଉଛନ୍ତି। ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୮ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ପ୍ରଧାନଶିକ୍ଷକଙ୍କୁ ମିଶାଇ ୨ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ପ୍ରଧାନଶିକ୍ଷକ କୌଣସି ସରକାରୀ କାର୍ଯ୍ୟରେ ଗଲେ କିମ୍ବା ଛୁଟିରେ ରହିଲେ ଛାତ୍ରଛାତ୍ରୀଙ୍କୁ ଗୋଟିଏ ଶ୍ରେଣୀ ଗୃହରେ ବସାଇ ପାଠପଢ଼ାଇବାକୁ ବାଧ ହୁଅନ୍ତି। ଏହା ଫଳରେ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହୁଏ। ବର୍ତ୍ତମାନ ରାଜ୍ୟ ସରକାର ପ୍ରାଥମିକ ବିଦ୍ୟାଳୟ ଗୁଡିକର ଭିତ୍ତିଭୂମି ସଜାଡିବାକୁ ପଞ୍ଚାୟତକୁ ଦାୟିତ୍ୱ ଦେଇଛନ୍ତି। ଗ୍ରାମବାସୀ ଏ ସମ୍ପର୍କରେ ପଞ୍ଚାୟତରୁ ଆରମ୍ଭ କରି ବ୍ଲକ ପ୍ରଶାସନକୁ ଅଭିଯୋଗ କରିଥିଲେ ମଧ୍ୟ କିଛି ଲାଭ ହୋଇ ନାହିଁ। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।




# ବିଷୁବ ସଂକ୍ରାନ୍ତି ପାଇଁ ଚାରିଆଡେ ଆଧ୍ୟାତ୍ମିକ ପରିବେଶ

**ସୋନପୁର, ୧୩।୪ (ସମିସ):** ଦେବଭୂମି ମନ୍ଦିର ମାଳିନୀ ସୁବର୍ଣ୍ଣପୁର ସହରରେ ୧୨ ମାସରେ ତେର ପର୍ବ ପାଳିତ ହୋଇଥାଏ। ରବିବାର ଏଠାରେ ମହା ବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ଅବସରରେ ମଧ୍ୟ ବିଭିନ୍ନ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଆୟୋଜନ ହେଉଛି। ସହରରେ ଆଧ୍ୟାତ୍ମିକ ପରିବେଶ ଲାଗି ରହିଛି। ସାଧାରଣତଃ ସୂର୍ଯ୍ୟଙ୍କ ଗତି ବିଧିକୁ ଲକ୍ଷ୍ୟ କରାଯାଇ ମାସ ଓ ବର୍ଷ ଗଣନା କାର୍ଯ୍ୟ କରାଯାଏ। ସେ ଦୃଷ୍ଟିରୁ ବୈଶାଖ ମାସର ପ୍ରଥମ ସଂକ୍ରାନ୍ତି ଓ ବର୍ଷର ପ୍ରଥମ ଦିନ ଭାବେ ପରିଚିତ ଏହି ଦିନକୁ ମହା ବିଷୁବ ସଂକ୍ରାନ୍ତି କୁହାଯାଏ। ପୁରାଣର ବର୍ଣ୍ଣନା ଅନୁସାରେ ଏ ଦିନଟି ହେଉଛି ପ୍ରଭୁ ହନୁମାନ ଏବଂ ତୁଳସୀ ମାତାଙ୍କ ଜନ୍ମଦିନ। ଏହି ପବିତ୍ର ତିଥିଟି ହନୁମାନଙ୍କ ଜନ୍ମଦିନ ହୋଇଥିବାରୁ ସହରକୁ ଚାରିପଟେ ଜଗି ରହିଥିବା ପ୍ରଭୁ ବୀର ହନୁମାନଙ୍କ ସ୍ୱତନ୍ତ୍ର ପୂଜା ରୀତି ଆୟୋଜିତ ହୋଇଥାଏ। ରାଜା ରାଜୁଡା ସମୟରୁ ସହରରେ ୪ଟି ହନୁମାନ ମନ୍ଦିର ରହିଛି। ବାଟ ହନୁମାନ, ଘାଟ ହନୁମାନ, ବଡ଼ ହନୁମାନ ଓ ଗଡ଼ ହନୁମାନ ଭାବେ ଏଠାରେ ପୂଜା ପାଉଛନ୍ତି। ସମସ୍ତ ହନୁମାନ ମନ୍ଦିରରେ ଠାକୁରଙ୍କୁ ପଣା ଅର୍ପଣ କରି ଭକ୍ତଙ୍କୁ ବଣ୍ଟା ଯାଇଥାଏ। ତେବେ ଐତିହାସିକଙ୍କ ମତରେ ସୋନପୁରକୁ ଲଙ୍କାଗଡ଼ କୁହାଯାଏ। ଏଠାରେ ଲଙ୍କାପୋଡ଼ି ଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ମା' ଲଙ୍କେଶ୍ୱରୀ ଏବଂ ରାମେଶ୍ୱର ମଧ୍ୟ ପୂଜା ପାଉଛନ୍ତି। ହନୁମାନ ଜୟନ୍ତୀ ପାଇଁ ସୁବର୍ଣ୍ଣପୁର ସହର ଉତ୍ସବ ମୁଖର ହୋଇଛି।



ହନୁମାନ ମନ୍ଦିରରେ ସ୍ୱତନ୍ତ୍ର ପୂଜା ଆୟୋଜନ

# ଅତାବିରାରେ ବିଜେଡିର ପ୍ରଚାର ଆରମ୍ଭ



ଅତାବିରା, ୧୩।୪(ସମିସ)

ବିଜୁ ଜନତା ଦଳ ଅତାବିରା ନିର୍ବାଚନ ମଣ୍ଡଳୀପାଇଁ ପୁର୍ନବାର ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରିବା ପରେ କର୍ମୀ ମହଲରେ ଉତ୍ସାହ ବୃଦ୍ଧି ପାଇଛି। ଶନିବାର ଶ୍ରୀମତୀ ଛୁରିଆ ଏବଂ ସାଂସଦ ପ୍ରାର୍ଥୀ ପରିଣିତା ମିଶ୍ର ଅତାବିରାରେ ବୀର ବଜରଙ୍ଗବଲି ଏବଂ ମାଁ ଦୁର୍ଗାଙ୍କ ଆର୍ଶୀବାଦ ନେଇ ପ୍ରଚାର ମଇଦାନକୁ ଓହ୍ଲାଇଥିଲେ। ପ୍ରାରମ୍ଭରେ ସ୍ଥାନୀୟ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରି ହଜାର ହଜାର ବିଜେଡି କର୍ମୀଙ୍କ ଗହଣରେ ଏକ ଶୋଭାଯାତ୍ରାରେ ମାଁ ଦୁର୍ଗାଙ୍କ ମନ୍ଦିରକୁ ପହଞ୍ଚିଥିଲେ। ସେଠାରେ ମାଁ ଦୁର୍ଗାଙ୍କ ଆର୍ଶୀବାଦ ନେଇ ଉଭୟ ପ୍ରାର୍ଥୀ ପ୍ରଚାର ଆରମ୍ଭ କରିଥିବା ବେଳେ ଏ ଅବସରରେ ଶଙ୍ଖ ଚିହ୍ନ ଜିନ୍ଦାବାଦ ନାରାରେ ସମଗ୍ର ପରିବେଶ କମ୍ପି ଉଠିଥିଲା। ଉଭୟ ପ୍ରାର୍ଥୀଙ୍କୁ ଅତାବିରାରେ ବିପୁଳ ଜନସମର୍ଥନ ରହିଥିବା ଦେଖିବାକୁ ମିଳିଥିଲା। ଏହି ସଭାରେ ଉପସ୍ଥିତ ବରିଷ୍ଠ ନେତା ସୁଶାନ୍ତ ମିଶ୍ର, ଭେଡେନ ବ୍ଲକ ବିଜୁ ଜନତାଦଳ ସଭାପତି ହରିଶଙ୍କର ବେହେରା, ବରିଷ୍ଠ ନେତା କୁଳମଣି ପଧାନ, ଭେଡେନବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ଡୋଳାମଣି କ୍ଷେତି, ଜିଲ୍ଲାପରିଷଦ ସଭ୍ୟା ପଦ୍ମିନୀ ଗଡ଼ତିଆ, ପିଙ୍କି ବଡ଼େଇ, ସତ୍ୟଜିତ ପୁରୋହିତ, ଶମ୍ଭୁ ସେଟ୍, ସୁଦାମ ଜାଲ, ମମତା ପଧାନ, ରଞ୍ଜିତ ସାହୁ, ଶିବାଜୀ ନାଏକ, ଅତାବିରା ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାଏକ, ଉପାଧ୍ୟକ୍ଷ ଅନନ୍ତ ମେହେର, ଟଙ୍କ ଦାଶ, ମଣ୍ଟୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ପଦ୍ମପୁର ପୁଲିସ୍‌ର ଫ୍ଲାଗ୍‌ମାର୍ଚ୍ଚ



**ପଦ୍ମପୁର, ୧୩।୪ (ସମିସ):** ଚଳିତ ସାଧାରଣ ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ପଦ୍ମପୁର ପୁଲିସ ପକ୍ଷରୁ ଯମଲା, ଚକାଖଲିଆ, ସିଂହନପୁର, ଚାରପାଲି, ପଦ୍ମପୁର ସହରରେ ଫ୍ଲାଗମାର୍ଚ୍ଚ କରାଯାଇଛି। ପୁଲିସର ଏତାଦୃଶ କାର୍ଯ୍ୟକ୍ରମ ଦ୍ୱାରା ଭୋଟରମାନେ ସଚେତନ ହେବେ। ଥାନା ଅଧିକାରୀ ମମତା ନାଏକଙ୍କ ନେତୃତ୍ୱ ସମସ୍ତ ସହକର୍ମୀ ଓ ଯବାନମାନେ ଏଥିରେ ସାମିଲ ଥିଲେ।

# କୁସୁମୀରେ ରାମଲୀଳା: ଲଙ୍କାପୋଡ଼ି ପରେ ଶ୍ରୀରାମ ଧ୍ୱନୀରେ ମଞ୍ଚ ପ୍ରକମ୍ପିତ

**ସମ୍ବଲପୁର, ୧୩।୪(ସମିସ):** ରାମଲୀଳାର ୭ମ ଦିନରେ ଆଜି ମଞ୍ଚ ଶ୍ରୀରାମ ଧ୍ୱନୀରେ ପ୍ରକମ୍ପିତ ହୋଇଛି। ସଭାର ଅତିଥିମାନଙ୍କ ଠାରୁ ପ୍ରଭୁ ହନୁମାନଙ୍କ ଶ୍ରୀରାମ ଉଚ୍ଚାରଣରେ ସମଗ୍ର କୁସୁମୀରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ୮ ଦିନ ବ୍ୟାପି ଆୟୋଜନ ହେବାକୁ ଥିବା ଏହି ମହୋତ୍ସବରେ କଳା ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରୁଥିବା ବହୁ ବିଶିଷ୍ଟ ବିଶେଷ ବିଭିନ୍ନ ଦିନରେ ଅତିଥି ଭାବେ ଯୋଗଦାନ କରୁଥିବା ବେଳେ ଏହାକୁ କୁସୁମୀର କଳା ଓ କଳାକାର ସଂଘ ପରିଚାଳନା କରୁଛନ୍ତି। ଆଜି କୁମ୍ଭକର୍ଣ୍ଣ ଓ ଇନ୍ଦ୍ରଜିତ ବଧ, ଲଙ୍କା ପୋଡି ଓ ସେତୁବନ୍ଧ ପ୍ରତିଷ୍ଠା କାର୍ଯ୍ୟକ୍ରମର ନାଟ୍ୟ ଅଭିନୟ ଖୁବ୍ ଚିତ୍ତାକର୍ଷକ ହୋଇଥିଲା। ହଜାର ହଜାର ଦର୍ଶକଙ୍କ ଗହଣରେ ରାମଲୀଳା ମହୋତ୍ସବ ଖୁବ ଆକର୍ଷଣୀୟ ହୋଇଛି। ବିଭିନ୍ନ ଚରିତ୍ରରେ ଅଭିନୟ କରୁଥିବା ଅଭିନେତା ଓ ଅଭିନେତ୍ରୀ ଚିତ୍ତାକର୍ଷକ ଅଭିନୟ କରିଥିଲେ। ଆଜିର ଉତ୍ସବରେ ଚଳଚ୍ଚିତ୍ର ଅଭିନେତା ସଞ୍ଜୟ ପାତ୍ର, ରାମଲୀଳା କମିଟି ସଭାପତି ଦୀପକ ସାହୁ, ସମ୍ପାଦକ ନିର୍ମଳ ବଡ଼ାଇ, ବରିଷ୍ଠ କଳାକାର କମଳ ଲୋଚନ ପଣ୍ଡା, କବି ଲଳିତ ମୋହନ ବେବର୍ତ୍ତା ଓ ବରିଷ୍ଠ କଳାକାର ବରୁଣ ସାହୁ ରାଜ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। କଳା ଓ କଳାକାର ସଂଘର ସଭାପତି ବିଭୁତି କଲ୍ୟାଣ ପଟେଲ ସଭାରେ ଅଧ୍ୟକ୍ଷତାରେ କରିଥିବା ବେଳେ ଉପଦେଷ୍ଟା ଆଦିତ୍ୟ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହାକୁ ସୁଜ୍ଞାନୀ ନାୟକ ପରିଚାଳନା କରୁଥିବା ବେଳେ ରାମଲୀଳାକୁ ମିତ୍ରଭାନୁ ନାୟକ ନିର୍ଦ୍ଦେଶନା ଦେଇଛନ୍ତି। ଅଶୋକ ଜୟପୁରିଆ, ଭାରତୀ ପଟେଲ ଓ ଲିଲିମା ପଟେଲଙ୍କ ସଙ୍ଗୀତ ମୂର୍ଚ୍ଛନାରେ ମଞ୍ଚ ଖୁବ ସଙ୍ଗୀତମୟ ହୋଇଉଠିଥିଲା।





# କୁଚିଣ୍ଡା ମହାବିଦ୍ୟାଳୟରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ




**କୁଚିଣ୍ଡା, ୧୩।୪ (ସମିସ) :** କୁଚିଣ୍ଡା ମହାବିଦ୍ୟାଳୟରେ ଶନିବାର ଦିନ ଏଡସ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମଟି କଲେଜର ଯୁବ ରେଡକ୍ରସ୍ ଓ ରେଡ ରିବନ କ୍ଲବ ତରଫରୁ ଆୟୋଜନ କରାଯାଇଛି। କଲେଜ ଅଧ୍ୟକ୍ଷା ସୁଶ୍ରୀ ସୁଚିତା ମିଶ୍ର କାର୍ଯ୍ୟକ୍ରମର୍ ସଭାପତିତ୍ୱ କରିଥିଲେ। କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ମୁଖ୍ୟ ଡାକ୍ତର ସୁବୋଧ କୁମାର ନାଏକ୍ ମୁଖ୍ୟ ପ୍ରବକ୍ତା ରୂପରେ ଯୋଗଦେଇ ଏଡସ୍ ରୋଗର ଲକ୍ଷଣ, କାର. ଚିକିତ୍ସା ଓ ନିରାକରଣ ସମ୍ପର୍କରେ ଆଲୋଚନା କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। କଲେଜର ଇଂରାଜୀ ବିଭାଗର ମୁଖ୍ୟ ଡା. ଅମିୟ କୁମାର ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏଡସ୍ ରୋଗ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ସଭାଟିକୁ କଲେଜର ଯୁବ ରେଡକ୍ରସ୍ କାଉନସିଲର ଭିକାରୀ ଓରାମ ସଭାକୁ ପରିଚାଳନା କରିଥିଲେ। ଦିବ୍ୟନାଗ ଯୁବ ରେଡକ୍ରସ୍ କାଉନସିଲର ଧନ୍ୟବାଦ ଅର୍ପଣ କରିଥିଲେ। କଲେଜର ଯୁବ ରେଡକ୍ରସ୍ କାଉନସିଲର ଝରଣାମୟୀ ସୁନା, ଅଧ୍ୟାପିକ ପଦ୍ମିନୀ ପ୍ରଧାନ, ଯୁସପିନ ସାମାଦ ଏବଂ କଲେଜର ଅନ୍ୟାନ୍ୟ କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏଡସ୍ ସଚେତନତା କାର୍ଯ୍ୟକ୍ରମ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

# କେଜିବିଭି ଛାତ୍ରୀନିବାସରେ ପ୍ରବେଶ ଉତ୍ସବ



**ବଙ୍ଗୋମୁଣ୍ଡା, ୧୩।୪(ସମିସ):** ବଙ୍ଗୋମୁଣ୍ଡା ବ୍ଲକର କେଜିବିଭି ଛାତ୍ରୀ ନିବାସରେ ନବାଗତା ଛାତ୍ରୀମାନଙ୍କୁ ସ୍ୱାଗତ କରି ପ୍ରବେଶ ଉତ୍ସବ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଆତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ଚିନ୍ତାମଣି ପ୍ରଧାନୀ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭବରେ ପରିଚାଳନା ସମିତିର ସଭାପତି ବଳକୃଷ୍ଣ ଭାଟି, ପ୍ରଧାନ ଶିକ୍ଷୟିତ୍ରୀ ମାନସୀ ସତ୍‌ନାମୀ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ହରିରାମ ସତନାମୀଙ୍କ ସଂଯୋଜନାରେ ବକ୍ତା ଭାବରେ ଶିକ୍ଷାବିତ ତଥା ସାମ୍ବାଦିକ ଅନୀଲ କୁମାର ଖମାରି ଯୋଗଦେଇ ଥିଲେ।

## ଦୁର୍ଘଟଣାରେ ଆହତ ଦମ୍ପତିଙ୍କୁ ଉଦ୍ଧାର କଲା ସ୍ୱେଚ୍ଛାସେବୀ ସଂଗଠନ

**ବଲାଙ୍ଗିର, ୧୩।୪(ସମିସ):** ବଲାଙ୍ଗିର-ସମ୍ବଲପୁର ଜାତୀୟ ରାଜପଥ-୨୬ ଅଧୀନ ଶଙ୍କରଭୋଜି ନିକଟରେ ବାଇକ୍ ଆରୋହୀ ଦମ୍ପତିଙ୍କୁ ସାମନା ପଟୁ ଏକ ପିକ୍-ଅପ୍ ଭ୍ୟାନ ଧକ୍କା ଦେବାଫଳରେ ଉଭୟ ସ୍ୱାମୀ-ସ୍ତ୍ରୀ ଗୁରୁତର ଭାବେ ଆହତ ହୋଇ ରାସ୍ତାକଡ଼ରେ ପଡ଼ି ରହିଥିଲେ। ମିର୍ଦ୍ଧାପାଲି ନିବାସୀ ଦମ୍ପତି ମହତିଆ ଭୋଇ ଓ ଶାନ୍ତି ଭୋଇ ଏକ ବିବାହ ଉତ୍ସବରେ ଯୋଗ ଦେବା ପାଇଁ ମିର୍ଦ୍ଧାପାଲିରୁ ବାହାରି ସୁବର୍ଣ୍ଣପୁର ଜିଲ୍ଲା ବାଞ୍ଜିପାଲି ଅଭିମୁଖେ ଯିବା ରାସ୍ତାରେ ଏହି ଦୁର୍ଘଟଣାଟି ଘଟିଯାଇଥିଲା। ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ସନ୍ତୋଷ ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ଶତପଥୀ, ଲିଙ୍କନ ସେଠ ସ୍ଥାନୀୟଲୋକଙ୍କ ସହାୟତାରେ ଦୁର୍ଘଟଣାଗ୍ରସ୍ତ ଆହତ ଦମ୍ପତିଙ୍କୁ ରାସ୍ତାକଡ଼ରୁ ଉଦ୍ଧାର କରି ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେହି ରାସ୍ତା ଦେଇ ଆସୁଥିବା ଜଣେ ବଦାନ୍ୟ ଡାକ୍ତର ସ୍ୱସ୍ତି ରେଖା ନାୟକ ସହଯୋଗ କରିଥିଲେ। ଦୁର୍ଘଟଣାରେ ସ୍ୱାମୀ-ସ୍ତ୍ରୀ ଉଭୟଙ୍କର ଗୋଡ଼ ଭାଙ୍ଗି ଯାଇଥିବା ବେଳେ ବର୍ତ୍ତମାନ ସେମାନେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ଅସ୍ଥିଶଲ୍ୟ ବିଭାଗରେ ଚିକିତ୍ସାଧୀନ ରହିଛନ୍ତି।

# ଦେଓଗାଁ ବ୍ଲକ୍: ନିର୍ବାଚନ ପାଇଁ ନେତାଙ୍କ କସରତ



**ଦେଓଗାଁ, ୧୩।୪(ସମିସ):** ବଲାଙ୍ଗିର ବିଧାନସଭା ଓ ଲୋକସଭା ପାଇଁ ମତଦାନ ପ୍ରାୟ ମାସେରୁ ଉର୍ଦ୍ଧ୍ୱ ସମୟ ରହିଥିବା ବେଳେ ଦେଓଗାଁ ବ୍ଲକ ଅଞ୍ଚଳରେ ଭୋଟରଙ୍କ ଆସ୍ଥାଭାଜନ ହେବାପାଇଁ ବିଭିନ୍ନ ଦଳର ନେତାଙ୍କ କସରତ ଆରମ୍ଭ ହୋଇଛି। ଏହି କ୍ରମରେ ଶନିବାର ବିଜେଡି ତରଫରୁ ଗାଁ ସଭା ମାଧ୍ୟମରେ ପ୍ରଚାର ଆରମ୍ଭ ହୋଇଛି। କଂଗ୍ରେସ ତରଫରୁ ବାଇକ୍ ରାଲି କରାଯାଇଛି। ବିଜେଡି ପକ୍ଷରୁ ସିକୁଆଁ, କୁତୁର୍ଲା ଓ ହାତିସରା ପଞ୍ଚାୟତର ସମସ୍ତ ଗାଁରେ ସଭା କରାଯାଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଗୁଡିକ ଉପରେ ଲୋକଙ୍କୁ ସଚେତନତା କରିବାସହ ବିଜେଡିକୁ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ ଭାବେ ବିଜୟୀ କରିବାପାଇଁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଜିଲ୍ଲା ପରିଷଦ ସଭ୍ୟା ମମତା କୁମୁରା, ସୁମତୀ ସେଠ ତଥା ଉପସ୍ଥିତ ନେତୃବୃନ୍ଦ ନିବେଦନ କରୁଥିବା ଦେଖିବାକୁ ମିଳିଛି।

# ସର୍ଗିବାହାଲରେ ବିଜେପିର ବିଜୟ ସଙ୍କଳ୍ପ ସମାବେଶ



**ପଦ୍ମପୁର, ୧୩।୪ (ସମିସ):** ଭାରତୀୟ ଜନତା ପାର୍ଟି ଦ୍ୱାରା ସର୍ଗିବାହାଲ ବଜାର ଛକ ଠାରେ ବିଜୟ ସଙ୍କଳ୍ପ ସମାବେଶ ମଣ୍ଡଳ ସଭାପତି ନିରାକାର ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସମାବେଶରେ ବରଗଡ଼ ଲୋକସଭା ପ୍ରାର୍ଥି ପ୍ରଦୀପ ପୁରୋହିତ, ପଦ୍ମପୁର ବିଧାନସଭା ପ୍ରାର୍ଥୀ ଗୋବର୍ଦ୍ଧନ ଭୋଏ ଉଦବୋଧନ ଦେଇଥିଲେ। ଆଗାମୀ ଦିନରେ ଡବଲ ଇଞ୍ଜିନ ସରକାର ଗଠନ ପାଇଁ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ। ବିଗତ ଦଶ ବର୍ଷରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ଦ୍ୱାରା କରା ଯାଇଥିବା ଜନ କଲ୍ୟାଣକାରୀ ଯୋଜନା ଗୁଡ଼ିକ ଗାଁ ଗାଁ ରେ ପହଞ୍ଚାଇବା, ୨୦୨୪ରେ ମୋଦୀଙ୍କ ଗ୍ୟାରେଣ୍ଟି ଏବଂ ବିକଶିତ ଓଡ଼ିଶାର ସଂକଳ୍ପ ନେଇ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ। ନରେନ୍ଦ୍ର ମୋଦୀଙ୍କ ଶାସନରେ ଅନୁପ୍ରାଣିତ ହୋଇ ଶତାଧିକ ବିଜେଡି କର୍ମୀ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଥିଲେ। ପଦ୍ମପୁର ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତା, ସମସ୍ତ ମଣ୍ଡଳ ସଭାପତି, ପଞ୍ଚାୟତ ପ୍ରମୁଖ ସହ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ନେତା ସରୋଜ ସାମଲ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ହୀରୋ ଗ୍ରାମରେ ନିଆରା ମନ୍ଦିର: ଭାଇଭଉଣୀ ଭାବେ ପୂଜା ପାଆନ୍ତି ମଙ୍ଗଳା, ଭୀମ

ଯୁଯୁମୁରା ୧୩।୪(ସିମିସ)

ସମ୍ବଲପୁର ସହର ସହିତ ଗ୍ରାମାଞ୍ଚଳରେ ଦେବାଦେବୀଙ୍କ ଅନେକ ମନ୍ଦିର ରହିଛି। ବିଭିନ୍ନ ରୂପରେ ଦେବାଦେବୀ ପୂଜା ପାଇ ଆସୁଛନ୍ତି। ଆଉ ତାଙ୍କ ପ୍ରତି ଗ୍ରାମବାସୀଙ୍କ ଅତୁଟ ବିଶ୍ୱାସ ରହିଛି। ହେଲେ ଯୁଯୁମୁରା ବ୍ଲକ ହୀରୋ ଗ୍ରାମରେ ଥିବା ମନ୍ଦିରରେ ଏକାଠି ପୂଜା ପାଉଛନ୍ତି ମାଁ ମଙ୍ଗଳାଙ୍କ ସହ ଭୀମ। ହୀରୋ ଗ୍ରାମରେ ଅଛି ଗ୍ରାମର ସର୍ବ ପୁରାତନ ଭୀମ ମଙ୍ଗଳା ଗୁଡ଼ି। ତେବେ କେଉଁ ଦିନରୁ ଏଠି ଏକା ସାଥିରେ ମାଁ ମଙ୍ଗଳାଙ୍କ ସହ ଭୀମ ପୁଜା ପାଉଛନ୍ତି ତାହାର ସଠିକ ତଥ୍ୟ ଗ୍ରାମବାସୀଙ୍କ ପାଖରେ ନାହିଁ। ଶତାଧିକ ବର୍ଷ ହେବ ଭାଇ ଭଉଣୀ ଭାବରେ ମାଁ ମଙ୍ଗଳା ଓ ଭୀମ ଏକାସାଙ୍ଗରେ ପୂଜା ପାଇ ଭକ୍ତମାନଙ୍କ ମନସ୍କାମନା ପୂରଣ କରି ଆସୁଛନ୍ତି ବୋଲି ଗ୍ରାମାବାସୀ କହନ୍ତି। ଗ୍ରାମକୁ ଆସୁଥିବା ବିପଦକୁ ଭୀମ ମଙ୍ଗଳା ରକ୍ଷା କରୁଥିବା ଲୋକେ କହନ୍ତି। ହୀରୋ ଠାରେ ଥିବା ଭୀମ ମଙ୍ଗଳା ଗୁଡ଼ିରେ ଦଶହରା ଚତୁର୍ଦ୍ଦଶୀରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥାଏ। ଏଥିରେ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ରହି ଭୀମ ମଙ୍ଗଳାଙ୍କ ଆଶିର୍ବାଦ ନେବା ସହ ଦର୍ଶନ କରିଥାନ୍ତି। ହୀରୋ ଗ୍ରାମବାସୀ କୌଣସି ଶୁଭ କାର୍ଯ୍ୟ କିମ୍ବା କୌଣସି ସ୍ଥାନକୁ ଯାତ୍ରା କରିବା ପୂର୍ବରୁ ଗ୍ରାମର ମଧ୍ୟଭାଗରେ ଥିବା ଏହିଗୁଡ଼ିକୁ ଯାଇ ଦର୍ଶନ କରିବା ପରମ୍ପରା ରହିଆସିଛି। ହୀରୋ ଗ୍ରାମରେ ଥିବା ଭୀମ ମଙ୍ଗଳା ଗୁଡ଼ିର ମହିମା ପ୍ରଚାର ହେବା ସହିତ ଭକ୍ତଙ୍କ ସମାଗମ ମଧ୍ୟ ଧିରେ ଧିରେ ବୃଦ୍ଧି ପାଉଥିବା ଜଣାଯାଇଛି।



# ଧରାପଡ଼ିଲେ ଆନ୍ତଃଜିଲ୍ଲା ବାଇକ୍ ଚୋର ଗ୍ୟାଙ୍ଗ



**ଝାରସୁଗୁଡ଼ା, ୧୩।୪(ସମିସ):** ଝାରସୁଗୁଡ଼ା ଟାଉନ ଥାନା ପକ୍ଷରୁ ଗତକାଲି ରାତିରେ ଚଢ଼ଉ କରାଯାଇ ଆନ୍ତଃଜିଲ୍ଲା ବାଇକ୍ ଚୋର ଗ୍ୟାଙ୍ଗକୁ ଧରାଯାଇଛି। ଗତ ୮ ତାରିଖରେ ଟାଉନ ଥାନାରେ ବାଇକ୍ ଚୋରି ନେଇ ପୁରୁଣାବସ୍ତିର ବୈଭବଶର୍ମା ଲିଖିତ ଅଭିଯୋଗ କରିଥିଲେ। ତେବେ ବାରମ୍ବାର ବାଇକ ଚୋରି ନେଇ ପୁଲିସ ପାଖରେ ଅଭିଯୋଗ ପରେ ବାଇକ ଚୋରଙ୍କୁ ଧରିବା ପାଇଁ ପୁଲିସ ଏକ ଟିମ୍ ଗଠନ କରିଥିଲା। ଏହି ଘଟଣାରେ ଅଭିଯୁକ୍ତମାନେ ହେଲେ ହରିଜନ ପଡ଼ା ବଡ଼ମାଲର ଲିଙ୍ଗରାଜ ବେହେରା (୨୨) ଲୋଇସିରା, ଖଲିଆପାଲି ଭେଡେନ ବରଗଡ଼ର ଅଜିତ ବିଶ୍ୱାଳ(୨୨), ସମ୍ବଲପୁର ଜିଲ୍ଲା ଆଇଁଲାପାଲି ଧମାର ଟିକୁ ଓରଫ୍ ଅକ୍ଷୟ ବାଗ (୨୪), ବୁରୋମାଲ ବିହାରୀ ଧର୍ମଶାଳା ଝାରସୁଗୁଡ଼ାର କ୍ଷମାନିଧି ଭୋରାସାଗର (୧୯) ଏବଂ ତିନି ଜଣ ନାବାଳକକୁ ଗିରଫ କରିଛି ଟାଉନ ଥାନା ପୁଲିସ। ଏହି ଚୋର ଗ୍ୟାଙ୍ଗ ଠାରୁ ୧୫ ଟି ବାଇକ୍ ସହିତ ଗୋଟିଏ ସ୍କୁଟି ଜବତ କରିଥିବା ପୁଲିସ ସୂଚନା ଦେଇଛି।

### ଡ୍ରେନ୍ ନିର୍ମାଣ ପାଇଁ କାଟିଦେଲେ ଗଛ

# ଠିକା ସଂସ୍ଥାର ସୁପରଭାଇଜର ଗିରଫ

**ଝାରସୁଗୁଡ଼ା, ୧୩।୪ (ସମିସ):** ଝାରସୁଗୁଡ଼ା ପୌରପରିଷଦ ପକ୍ଷରୁ ୭ ନମ୍ବର ୱାର୍ଡ ଅନ୍ତର୍ଗତ ସୁଲଦିଆପଡ଼ାଠାରେ ଏକ ଡ୍ରେନ କାର୍ଯ୍ୟ ଚାଲିଥିଲା। ଏହି ଡ୍ରେନ ନିର୍ମାଣ ରାସ୍ତାରେ କେତେକ ଗଛ ପଡ଼ିଥିବାବେଳେ ଡ୍ରେନ ନିର୍ମାଣକରୀ ଠିକା ସଂସ୍ଥା ୩ଟି ଗଛକୁ କାଟି ଦେଇଥିଲା। ସ୍ଥାନୀୟଲୋକେ ଏହାକୁ ବିରୋଧ କରିବା ସହିତ ବନବିଭାଗକୁ ଖବର ଦେଇଥିଲେ।



ଘଟଣାସ୍ଥଳରେ ବନ ବିଭାଗ ଅଧିକାରୀ ପହଞ୍ଚି ଠିକା ସଂସ୍ଥାର ସୁପର ଭାଇଜରଙ୍କୁ ଗିରଫ କରିଛି।

ସୂଚନାଯୋଗ୍ୟ, ଝାରସୁଗୁଡ଼ା ଜିଲ୍ଲାରେ ବର୍ଷକୁ ବର୍ଷ ଜଙ୍ଗଲ କ୍ଷୟ ହେବାରେ ଲାଗିଛି। ବେସରକାରୀସ୍ତରରେ ଜିଲ୍ଲାରେ ୭ ପ୍ରତିଶତ ଜଙ୍ଗଲ ରହିଛି। ଜିଲ୍ଲାରେ ଜଙ୍ଗଲ ସୃଷ୍ଟି ସହିତ ଚାରା ରୋପଣକୁ ଜିଲ୍ଲାପାଳ ଗୁରୁତ୍ୱ ଦେଉଥିବାବେଳେ ଝାରସୁଗୁଡ଼ା ପୌରପରିଷଦ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି।

# ପ୍ରଣବ ପ୍ରକାଶଙ୍କ ବିଜୟ ନିଶ୍ଚିତ ପାଇଁ ଘରେଘରେ ପ୍ରଚାର

**ଦେବଗଡ଼, ୧୩।୪(ସମିସ)**




ଆଗାମୀ ନିର୍ବାଚନରେ ସମ୍ବଲପୁର ଲୋକସଭା ଆସନ ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କୁ ବିପୁଳ ଭୋଟରେ ବିଜୟ କରିବା ଲକ୍ଷ୍ୟରେ ଘରେ ଘରେ ବିଜେଡି କର୍ମୀଙ୍କ ପ୍ରଚାର ଆରମ୍ଭ ହୋଇଛି। ଆଜି ଖରାସତ୍ତ୍ୱେ ଅପରାହ୍ନରେ ରିଆମାଳ ବ୍ଲକ ତାରଙ୍ଗ ପଞ୍ଚାୟତ ମୁଖ୍ୟାଳୟଠାରେ ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ମା' ପାତ୍ରାଣୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଢୋଲ ସଂକୀର୍ତ୍ତନ ତାଳେତାଳେ ପ୍ରଣବ ପ୍ରକାଶ ଦାସଙ୍କ ସପକ୍ଷରେ ବିଭିନ୍ନ ସ୍ଲୋଗାନ ଦେବା ସହ ନିଜ ଅଞ୍ଚଳରେ ପ୍ରଣବ ପ୍ରକାଶ ଦାସଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ। ଏହି ପ୍ରଚାର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରସନ୍ନ କୁମାର ପ୍ରଧାନ, ଦିବାକର ଗଡ଼ନାୟକ, ସୁରେଶ କୁମାର ବିଶ୍ୱାଳ, ଚିନ୍ତାମଣି ସାହୁ, ଗୁରୁ ଚରଣ ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ଦିପୁ ସାହୁ, ମୀନକେତନ ସାହୁ, କାଳିଆ ସାହୁ, ନିରାକାର ସାହୁ, ଗଣେଷ ପ୍ରଧାନ, ସୁଶୀଲ କୁମାର ସାହୁ, ଅମରେଶ ପ୍ରଧାନ, ମିତ୍ରଭାନୁ ସ୍ୱାଇଁ, ରାକେଶ ପ୍ରଧାନ, ସଞ୍ଜୟ କୁମାର ସାହୁ, ବାବୁଲାଲ ପ୍ରଧାନ, ମୋହନ ଚନ୍ଦ୍ର ସାହୁ, ନୀଳମଣି ସାହୁ, ନିତ୍ୟାନନ୍ଦ ସାହୁ, ଆଭାସ ପ୍ରଧାନ, ଗିରିନ୍ଦ୍ର ଗଡ଼ନାୟକ, ଲିଙ୍ଗରାଜ ସାହୁ, ପ୍ରତାପ କୁମାର ଦେବ, ସିମାଞ୍ଚଳ ଦ୍ୱିବେଦୀ, ଅନ୍ତର୍ଯ୍ୟାମୀ ସାହୁ, ଜନକ ପ୍ରଧାନ, ମଞ୍ଜୁଲତା ନାଏକ, ସତ୍ୟବତୀ ଭୁକ୍ତାଙ୍କ ସମେତ ଶତାଧିକ ଦଳୀୟ ପଦାଧିକାରୀ ଓ କର୍ମୀ ସାମିଲ ହୋଇଥିଲେ।

# ପୋଲିଂ ଓ ପ୍ରିଜାଡିଙ୍ଗ ଅଧିକାରୀଙ୍କୁ ପ୍ରଶିକ୍ଷଣ



**ଦେବଗଡ଼, ୧୩।୪(ସମିସ):** ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଦେବଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ନୂତନ ପୋଲିଂ ଓ ପ୍ରିଜାଡିଙ୍ଗ ଅଧିକାରୀଙ୍କୁ ଏକ ଦିବସୀୟ ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଜ୍ୟରେ ହେବାକୁ ଥିବା ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ମତଦାନ ପ୍ରକ୍ରିୟାକୁ ସରଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ ନିଯୁକ୍ତ ନୂତନ ପୋଲିଂ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏହି ତାଲିମ୍ କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ ଆଜି ଦେବଗଡ଼ ମହାବିଦ୍ୟାଳୟ ଠାରେ ୮ଟି ହଲରେ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଇଲେକ୍ସନ ଏଜେଲିନ୍ ବାରା, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଈଶ୍ୱର ଗୁରୁ, ତାପସ କୁମାର ମହାନ୍ତ, ରାଜୀବଲୋଚନ ନାଏକ ପ୍ରମୁଖଙ୍କୁ ପର୍ଯ୍ୟାୟକ୍ରମେ ତାଲିମ୍ ପ୍ରଦାନ ପାଇଁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏହି ଶିବିରରେ ନୂତନ ୪୧୦ ଜଣ ପୋଲିଂ ଅଧିକାରୀ ଓ ପ୍ରିଜାଡିଙ୍ଗ ଅଧିକାରୀଙ୍କୁ ସାଧାରଣ ନିର୍ବାଚନ ପରିଚାଳନା ନିଜ ନିଜ ଦାୟିତ୍ୱ କିପରି ନିର୍ଭୁଲ ଭାବରେ ତୁଲାଇବେ ସେ ସମ୍ପର୍କରେ ତାଲିମ୍ ପ୍ରଦାନ କରାଯାଇଛି। ପୋଲିଂ ଅଧିକାରୀମାନେ କିପରି ବ୍ୟବସ୍ଥିତ ଭାବେ ଡେସପଚ୍ କେନ୍ଦ୍ରରୁ ବୁଥ୍ ପର୍ଯ୍ୟନ୍ତ ଯିବେ ଓ ବୁଥ୍‌ରେ କେଉଁ ଅଧିକାରୀଙ୍କ କ'ଣ କ'ଣ କାର୍ଯ୍ୟ ତାହା ବୁଝାଇଥିଲେ। ପ୍ରତ୍ୟେକ ପୋଲିଂ ଅଧିକାରୀ ନିଜ ନିଜର ଦାୟିତ୍ୱ ସୂଚାରୁରୂପେ ତୁଲାଇବା ସହିତ ଗଣତନ୍ତ୍ରର ପବିତ୍ର କାର୍ଯ୍ୟକୁ ସଫଳତାର ସହିତ ସମ୍ପାଦନା କରିବା ପାଇଁ ପ୍ରଶିକ୍ଷଣ ଶିବିରରେ କୁହାଯାଇଥିଲା।

# ଘର ଜ୍ୱାଇଁର ଅତ୍ୟାଚାର ସହି ନ ପାରି ପର ଘରେ ଆଶ୍ରୟ ନେଲା ଶଶୁର

**ଦେବଗଡ଼, ୧୩।୪ (ସମିସ):** ଦେବଗଡ଼ ଥାନା ଅଧୀନ ସୁନାମୁଣ୍ଡା ଗ୍ରାମରେ ଘରଜ୍ୱାଇଁର ଅତ୍ୟାଚାରରେ ଅତିଷ୍ଠ ବୃଦ୍ଧ ଶଶୁର ନିଜ ଘରଛାଡି ପର ଘରେ ଆଶ୍ରୟ ନେବାସହ ନ୍ୟାୟ ପାଇଁ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଦେବଗଡ଼ ଥାନା ପୁଲିସ ବିଭିନ୍ନ ଦଫାରେ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି।

ସୁନାମୁଣ୍ଡା ଗ୍ରାମର ବିଶି ପଟ୍ଟାଙ୍କ ଝିଅ ମହେଶ୍ୱତାଙ୍କୁ ସେହି ଗ୍ରାମର ରତ୍ନା ବେହେରାଙ୍କ ପୁଅ ଅର୍ଜୁନ ବେହେରା ୫ ବର୍ଷେ ପୂର୍ବେ ପ୍ରେମବିବାହ କରି ଶ୍ୱଶୁର ଘରେ ରହି ଆସୁଛନ୍ତି। କିଛି କାମଧନ୍ଦା ନ କରି ଅର୍ଜୁନ ଶ୍ୱଶୁରଙ୍କ ଟଙ୍କାରେ ଚଳିବା ସହ ସବୁ ସମୟରେ ନିଶାଶକ୍ତ ଅବସ୍ଥାରେ ସ୍ତ୍ରୀ ମହେଶ୍ୱତାକୁ ନିର୍ଯାତନା ଦେଇ ଆସୁଛି। ସେହିପରି ବିବାହ ସମୟରେ ଶ୍ୱଶୁର ଯୌତୁକ ଦେଇ ନ ଥିବା ଅଭିଯୋଗ କରି ସ୍ତ୍ରୀ ମହେଶ୍ୱତା ଓ ଶ୍ୱଶୁରଙ୍କୁ ଗାଳି ଗୁଲଜ କରନ୍ତି। ତିନି ଦିନ ହେବ ଯୌତୁକ ଦାବିରେ ଶ୍ୱଶୁରଙ୍କୁ ଗାଳିଗୁଲଜ କରିବା କୁରାଢ଼ୀରେ ହାଣି ଜୀବନରେ ମାରିଦେବାକୁ ଉଦ୍ୟତ ହେଉଥିବାରୁ ଜୀବନ ବିକଳରେ ଶ୍ୱଶୁର ବିଶି ନିଜ ଘର ଛାଡି ଅନ୍ୟତ୍ର ରହୁଛନ୍ତି। ଅନ୍ୟପକ୍ଷରେ ଶୁକ୍ରବାର ବିଶି ଘରେ ରଖିଥିବା ଟଙ୍କା ଓ ଘରର ଚାଉଳ ଅର୍ଜୁନ ଚୋରି କରିନେଇଥିବା ବିଶି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ସେ ଦେବଗଡ଼ ଥାନାର ଦ୍ୱାରସ୍ତ ହୋଇଛନ୍ତି।

# ନାବାଳିକା ଅପହରଣ; ଅଭିଯୁକ୍ତ ଯୁବକ ଗିରଫ

**ଦେବଗଡ଼, ୧୩।୪(ସମିସ ):** ବାରକୋଟ୍ ଥାନାଞ୍ଚଳରୁ ଜଣେ ନାବାଳିକାକୁ ଅପହରଣ କରିବା ଅଭିଯୋଗରେ ବାରକୋଟ ଥାନା ପୁଲିସ ଅଭିଯୁକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାଇ ଜାଲିସୁଆଁ ଗ୍ରାମର ସିପୁନ କାରିଗର (୨୪) ଟ୍ରକ୍ ଚାଳକ ଭାବେ କାର୍ଯ୍ୟକରୁଥିବା ବେଳେ ଗତ ୧୦ ତାରିଖ ରାତିରେ ଜଣେ ନାବାଳିକାକୁ ଅପହରଣ କରିନେଇଥିବା ନେଇ ନାବାଳିକାର ପରିବାର ଲୋକ ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରି ଅପହୃତା ନାବାଳିକାକୁ କେନ୍ଦୁଝର ଜିଲ୍ଲାରୁ ଉଦ୍ଧାର କରିବା ସହ ଅଭିଯୁକ୍ତ ସିପୁନକୁ ଅପହରଣ ମାମଲାରେ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।



# ଢାବାରୁ ମଦ ଜବତ, ଯୁବକ ଗିରଫ

**ଦେବଗଡ଼, ୧୩।୪(ସମିସ):** ବେଆଇନ ମଦବିକ୍ରି ଅଭିଯୋଗରେ ବାରକୋଟ ଥାନା ପୁଲିସ ଆଜି ଜଣେ ଢ଼ାବା କର୍ମଚାରୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ବେଆଇନ ମଦ କାରବାର ଚାଲୁଥିବା ସୂଚନା ପାଇ ଗତକାଲି ରାତିରେ ବାରକୋଟ ଥାନା ପୁଲିସ ବାମ୍ପରଡ଼ା ଗ୍ରାମସ୍ଥିତ ଏକ ଢାବାରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ଢାବାରେ ବିକ୍ରି ପାଇଁ ଉଦ୍ଦିଷ୍ଟ ବହୁ ପରିମାଣର ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ଜବତ କରିବା ସହ ଢ଼ାବା ମାଲିକ ଅନୁଗୁଳ ଜିଲ୍ଲା ଖମାର ଥାନା ଅନ୍ତର୍ଗତ ପୌଶିଆ ଗ୍ରାମର ଯଶୋବନ୍ତ କିଷାନକୁ ଗିରଫ କରିଥିଲା। ଆଜି ଅଭିଯୁକ୍ତକୁ ପୁଲିସ କୋର୍ଟ ଚାଲାଣ କରିଛି।

# ବିଭିନ୍ନ ଗୁରୁଦ୍ୱାରାରେ ବୈଶାଖୀ ପର୍ବ

### ଆଶୀର୍ବାଦ କାମନା କଲେ ଅଲକା ମହାନ୍ତି



**ବ୍ରଜରାଜନଗର, ୧୩।୪ (ସମିସ):** ବ୍ରଜରାଜନଗର ସମେତ ବିଭିନ୍ନ ଗୁରୁଦ୍ୱାରାରେ ଶିଖ ଧର୍ମାବଲମ୍ବୀଙ୍କ ଦ୍ୱାରା ବୈଶାଖୀ ପର୍ବ ପାଳିତ ହେଉଛି। ଶନିବାର ବ୍ରଜରାଜନଗର ପୌରପରିଷଦ ଅଧୀନ ବୁଢ଼ୀଜାମସ୍ଥିତ ଗୁରୁଦ୍ୱାରା ଏବଂ ବେଲପାହାଡ଼ ପୌରପରିଷଦ ଅଧୀନ ଗୁମାଡେରାସ୍ଥିତ ଗୁରୁଦ୍ୱାରାକୁ ଯାଇ ବୈଶାଖୀ ଉତ୍ସବରେ ଯୋଗଦେବା ସହିତ ବ୍ରଜରାଜନଗର ବିଜୁ ଜନତା ଦଳ ବିଧାୟିକା ପ୍ରାର୍ଥୀ ଅଳକା ମହାନ୍ତି ଆଶୀର୍ବାଦ କାମନ କରିଛନ୍ତି। ଏହାସହିତ ବିଭିନ୍ନ ଧର୍ମାବଲମ୍ବୀ ଓ ସମ୍ପ୍ରଦାୟର ଲୋକଙ୍କ ପାଖକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ କାର୍ଯ୍ୟ ଓ ଯୋଜନା ବିଷୟରେ ସମସ୍ତଙ୍କୁ ଅବଗତ କରାଉଛନ୍ତି।

# ଡେଙ୍ଗୁରଜୋର ଗ୍ରାମରେ କଂଗ୍ରେସର ନିର୍ବାଚନୀ ପ୍ରଚାର

**ଦେବଗଡ଼, ୧୩।୪(ସମିସ):** ତିଳେଇବଣି ବ୍ଲକ ଝରାଗୋଗୁଆ ପଞ୍ଚାୟତର ଡେଙ୍ଗୁରଜୋର ଗ୍ରାମରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଗ୍ରାମରେ ଦଳୀୟ ନିର୍ବାଚନୀ ପ୍ରଚାର କରାଯାଇଛି। ଏହି ଉପଲକ୍ଷେ ଜିଲ୍ଲା କଂଗ୍ରେସ ସଭାପତି ସେମ୍ ହେମ୍ବ୍ରାମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଶ୍ରୀ ହେମ୍ବ୍ରାମ ଆଗାମୀ ନିର୍ବାଚନରେ କଂଗ୍ରେସକୁ ସମର୍ଥନ କରି ଜିଲ୍ଲାର ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରାଇ ଜିଲ୍ଲାର ବିକାଶରେ ସହଯୋଗ କରିବାକୁ ଉପସ୍ଥିତ ଜନ ସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରମେଶଚନ୍ଦ୍ର ପାତ୍ର, ଶ୍ରୀତମ ସାହୁ, ପୂର୍ଣ୍ଣଚନ୍ଦ୍ର ପାତ୍ର, ଦେବେନ୍ଦ୍ର ଗଡ଼ନାୟକ, କ୍ଷୀରୋଦ ଦୀପ, ଗୁଣନିଧି ବେହେରା, ନାଥ କୃଷ୍ଣଜାଲ ଓ ଦେବେନ୍ଦ୍ର ଗଡ଼ନାୟକଙ୍କ ସମେତ ବହୁ ଦଳୀୟକର୍ମୀ ଉପସ୍ଥିତ ଥିଲେ।

# ଛାତ୍ରଛାତ୍ରୀଙ୍କ ଝାରସୁଗୁଡ଼ା ମୁଖ୍ୟ ଡାକଘର ପରିଦର୍ଶନ




**ଝାରସୁଗୁଡ଼ା, ୧୩।୪(ସମିସ):** ଶିକ୍ଷୟିତ୍ରୀ ତନ୍ମୟୀ ଶୁଭଶ୍ରୀ ପିଙ୍ଗଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଆଇଟି ଶିକ୍ଷୟିତ୍ରୀ ଶାଶ୍ୱତୀ ତ୍ରିପାଠୀ ଏବଂ ଖେଳଶିକ୍ଷକ ମୁକ୍ତି ପ୍ରକାଶ କେରକେଟା ବିଦ୍ୟାଳୟରେ ପଢୁଥିବା ଧନ୍ଦାମୂଳକ ବିଷୟ ଓ ସୂଚନା ପ୍ରଯୁକ୍ତି ବିଦ୍ୟାର ଛାତ୍ରଛାତ୍ରୀମାନଙ୍କୁ ସ୍ଥାନୀୟ ମୁଖ୍ୟ ଡାକଘର ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୋଷ୍ଟମାଷ୍ଟର ବସନ୍ତ କୁମାର ପଟେଲ ତଥା ପୋଷ୍ଟଅଫିସର ଅନ୍ୟସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ପୁରାତନ ଛାତ୍ର ସଞ୍ଜୟ କୁମାର ପାଣିଗ୍ରାହୀ ମଧ୍ୟ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଇଣ୍ଡଷ୍ଟ୍ରି ଭିଜିଟ୍ କାର୍ଯ୍ୟକ୍ରମ ପିଲାମାନଙ୍କ ପାଇଁ ବହୁତ ଶିକ୍ଷଣୀୟ ତଥା ପ୍ରେରଣା ଦାୟୀ ହେବ ବୋଲି ମତବ୍ୟକ୍ତ କରିଥିଲେ।

# ଭୁଲିଆଟିକ୍ରାରେ ଅଷ୍ଟପ୍ରହର ନାମଯଜ୍ଞ



**ବ୍ରଜରାଜନଗର, ୧୩।୪ (ସମିସ):** ଭୁଲିଆଟିକ୍ରାଠାରେ ଶ୍ରୀରାମ କମିଟି ଆନୁକୂଲ୍ୟରେ ଗତ ୧୧ ତାରିଖରୁ ଆରମ୍ଭ ହୋଇଥିବା ଅଷ୍ଟପ୍ରହର ନାମଯଜ୍ଞ ଶନିବାର ଦିନ ସମାପନ ହୋଇଯାଇଛି। ଭୁଲିଆଟିକ୍ରା ଓ ମଝାପତ୍ରା ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଏହି ନାମଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବରେ ଅଶୋକ ସାହୁ ଓ ତାଙ୍କ ପତ୍ନୀ କୁନ୍ତୀ ସାହୁ ଥିବାବେଳେ ପୂଜକ ରମେଶ ପୂଜାରୀଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଗତ ୧୧ ତାରିଖ ଦିନ ୧୦୮ ଜଣ ଶ୍ରଦ୍ଧାଳୁ କଳସ ଯାତ୍ରାରେ ବାହାରି ସ୍ଥାନୀୟ ଜଳାଶୟରୁ ପାଣି ଆଣି ମଣ୍ଡପରେ ସ୍ଥାପିତ କରିଥିଲେ। ୧୨ ତାରିଖ ନାମ ଆରମ୍ଭ ହୋଇଥିବା ବେଳେ ଶନିବାର ଦିନ ନାମ ସମାପନ ଓ ଦଧି ହାଣ୍ଡି ଭଞ୍ଜନ ଅନୁଷ୍ଠିତ ହୋଇଥିଲା। ରୁପ ଚାନ୍ଦ ସାହୁ, ବ୍ରଜମୋହନ ପ୍ରଧାନ, ଜିତେନ୍ଦ୍ରୀୟ ପ୍ରଧାନ, ସୁମନ୍ତ ସାହୁ, ପ୍ରବୀଣ ମହତୋ, ଗଣେଶ ମେହେର ଷଡ଼ ବୈଷ୍ଣବ ଥିଲେ। ମୋହନ ପଧାନ, ଅବିନାଶ ପଧାନ, ସଞ୍ଜୀତ ବଡେକ, ଅନନ୍ତ ସାହୁ, ସୁଶାନ୍ତ ମାକର, ବେଣୁ ସାହୁ, ଚନ୍ଦନ ଦାସ, ଭାରତ କୁଅଁର, ଦେବାଶିଷ କୁଅଁର, ଲକ୍ଷ୍ମଣ ପ୍ରସାଦ, ରିତିକ ଭଇଁସାଲ, ସଂକେତ ପଧାନ, ଦୁଃଶାସନ ଦେହୁରୀ, ପ୍ରଶାନ୍ତ ମାକର, ରାହୁଲ ମୁଖାର୍ଜୀ, ରାଜା ବଡେକ, ହେମାନନ୍ଦ ବାଗ, ହୃଦାନନ୍ଦ ଗୌଡ଼, ଅଜୟ ଭଇଁସାଲ, ଅକ୍ଷୟ ପଟ୍ଟା, ଆନନ୍ଦ ବଡେକ, ପରେଶ ନାଥ, ହାଡୁ ନାଗ, ବିଜୟ ଭଇଁସାଲ, କିଶୋର କୁମାର, ସଞ୍ଜୁଲତା ମହତା ପ୍ରମୁଖ ସହଯୋଗ କରିଥିଲେ।

# ଭାରତ ରତ୍ନ ସାହିତ୍ୟ ଓ ସଂସ୍କୃତି ପରିଷଦ ପରିଚାଳନା କମିଟି ବୈଠକ

**ଝାରସୁଗୁଡ଼ା, ୧୩।୪(ସମିସ)**



ଡିଡିଏସ୍ ଦ୍ୱାରା ପରିଚାଳିତ ଓ ଜୁଏଲସ ଇଣ୍ଟରନ୍ୟାସନାଲ ଟ୍ରଷ୍ଟ ଓଡ଼ିଶା ସହଯୋଗରେ ଭାରତ ରତ୍ନ ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ବୁଢ଼ାପଡ଼ା ବୁରୋମାଲ ସ୍ଥିତ ଝାଡେଶ୍ୱରୀ ସ୍ୱତନ୍ତ୍ର ଦିବ୍ୟାଙ୍ଗ ବିଦ୍ୟାଳୟର ପେକ୍ଷାଳୟରେ ଭାରତ ରତ୍ନ ସାହିତ୍ୟ ଓ ସଂସ୍କୃତି ପରିଷଦର ପରିଚାଳନା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ପରିଷଦର ସଭାପତି ଡ.ସରୋଜ କୁଅଁର ସଭାପତିତ୍ୱ କରିଥିବାବେଳେ ଏହି ସଭାକୁ ପରିଷଦ ଅଧ୍ୟକ୍ଷ ଶିକ୍ଷବିତ୍ ଅନନ୍ତରାମ ସାହୁ ପରିଚାଳନା କରିଥିବାବେଳେ ସାଧାରଣ ସମ୍ପାଦକ ପଣ୍ଡିତ ନିକୁଞ୍ଜ ବିହାରୀ ଜ୍ୟୋତିଷ ପ୍ରସ୍ତାବମାନ ଆଗତ କରି କମିଟିଦ୍ୱାରା ସର୍ବସମ୍ମତି କ୍ରମେ ପାରିତ ହୋଇଥିଲା। ଏହି ସଭାରେ ପୂର୍ବବର୍ଷ ମାନ ଭଳି ଏବର୍ଷ ମଧ୍ୟ ସ୍କୁଲ କଲେଜ ମାନଙ୍କରେ ବ୍ୟାକରଣ, ଭାଷା ସାହିତ୍ୟ ଉପରେ କୁଇଜ୍ କାର୍ଯ୍ୟକ୍ରମ 'କାହାର କେତେ ଦମ୍ ' ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ସଫେଇ 'ଛୋଟ ହେଲେ ବି ମହାନ' କବି ଲେଖକମାନଙ୍କ ପାଇଁ କବିତା ଆସର ଓ ଆଲୋଚନା ଚକ୍ର 'ମୁଁ ସ୍ରଷ୍ଟା' ସ୍କୁଲ କଲେଜ ଛାତ୍ର ଛାତ୍ରୀ ମାନଙ୍କ କବି ଲେଖକ ଭାବେ ପ୍ରୋତ୍ସାହିତ କରିବା ପାଇଁ 'ମୁଁ ବି କବି ହେବି' ଏବଂ କବି ଲେଖକ ଉନ୍ମୋଚିତ ହୋଇଥିବା ବହିର ସମୀକ୍ଷା ପାଇଁ 'ମାନସ ମନ୍ଥନ' ପାଞ୍ଚ ସୂତ୍ରୀ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାରୁ ପାରିତ ହୋଇଥିବାବେଳେ ଜୁଲାଇରେ ପରିଷଦର ବାର୍ଷିକ ଉତ୍ସବ କରାଯିବା। ଏହି ସଭାରେ ପରିଷଦ ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ର, କମିଟି ସଭ୍ୟା ଆରତୀ ପଣ୍ଡା, ଲକ୍ଷ୍ମୀ ପ୍ରିୟା ପଣ୍ଡା, ଅଧ୍ୟାପିକା କଲ୍ୟାଣୀ ମିଶ୍ର, କମଳ ଲୋଚନ ପୂଜାରୀ, ସରୋଜିନୀ ପଟେଲ ଯୋଗଦାନ ଦେଇ ନିଜର ମତ ମନ୍ତବ୍ୟ ରଖିଥିଲେ।

# ମୁଖ୍ୟରାସ୍ତା ଅବସ୍ଥା ଶୋଚନୀୟ; ମରାମତି ଦାବି



**ଝାରସୁଗୁଡ଼ା, ୧୩।୪(ସମିସ):** ଝାରସୁଗୁଡ଼ା ସହରର ସରବାହାଲ ମୁଖ୍ୟ ରାସ୍ତା ଦୀର୍ଘ ଦିନରୁ ଶୋଚନୀୟ ହୋଇ ପଡ଼ିଥିବା ଅଭିଯୋଗ ହେଉଛି। ଗୌଡ଼ପଡ଼ା ଛକ ନିକଟ ମୁଖ୍ୟ ରାସ୍ତା ଉପରେ ଏକ ବଡ଼ ଗର୍ତ୍ତ ହେବା ଫଳରେ ଗାଡ଼ି ଚାଳକ, ଶିକ୍ଷାନୁଷ୍ଠାନ କର୍ମଚାରୀ, ଛାତ୍ରଛାତ୍ରୀଙ୍କ ସମେତ ବାଟୋଇ ଯିବା ଆସିବା ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାତିରେ ଷ୍ଟ୍ରିଟ୍‌ଲାଇଟ୍ ଜଳୁ ନ ଥିବାରୁ ଗାଡ଼ି ଚାଳକ ଯିବା ଆସିବା ସମୟରେ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନେଇ ରାସ୍ତା ମରାମତି ପାଇଁ ସରବାହାଲବାସୀ ଦୀର୍ଘ ଦିନରୁ ଦାବି କରୁଛନ୍ତି।

## ଟ୍ରାକ୍ଟର ବ୍ୟାଟେରି ଚୋରି

**ସମ୍ବଲପୁର, ୧୩।୪(ସମିସ):** ଶାସନ ଥାନା ଅନ୍ତର୍ଗତ ବଡ ଟିଠେଇପାଲି ଗ୍ରାମର ଜଣଙ୍କ ଘର ସମ୍ମୁଖରୁ ଟ୍ରାକ୍ଟର ବ୍ୟାଟେରି ଚୋରି ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗକ୍ରମେ ଗ୍ରାମର ମଧୁସୁଧନ ବଛା ସନ୍ଧ୍ୟାରେ କାମ ସାରି ନିଜ ଟ୍ରାକ୍ଟରକୁ ଘର ସମ୍ମୁଖରେ ରଖିଥିଲେ । ରାତିରେ କେହି ଦୁର୍ବୃତ୍ତ ଆସି ଟ୍ରାକ୍ଟରର ବ୍ୟାଟେରି ଚୋରି କରି ନେଇଯାଇଥିଲା । ଏନେଇ ସେ ଗ୍ରାମବାସୀଙ୍କୁ ପଚରାଉଚୁରା କରିଥିଲେ । ପରେ ଗ୍ରାମବାସୀ କିଛି ଯୁବକ ରାତି ୧୦ଟାରେ ଏକ ବାଇକ୍‌ରେ ଏକ ବ୍ୟାଟେରି ନେଉଥିବାର ଦେଖିଥିବା କହିଥିଲେ । ଏନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

## ସ୍ୱାମୀ ନାଁରେ ନିର୍ଯାତନା ଅଭିଯୋଗ

**ସମ୍ବଲପୁର, ୧୩।୪(ସମିସ):** ସ୍ୱାମୀଙ୍କ ନାମରେ ନିର୍ଯାତନା ଅଭିଯୋଗ ଆଣିଛନ୍ତି ଜଣେ ମହିଳା । ସ୍ୱାମୀ ବାରମ୍ବାର ତାଙ୍କୁ ନିର୍ଯାତନା ଦେଉଥିବା ବେଳେ ପୂର୍ବରୁ ଥରେ ଅଭିଯୋଗ କରିଥିଲେ । ଏହି ମାମଲାରେ ପୁଲିସ ସମାଧାନ କରିଦେଇଥିଲା । ବର୍ତ୍ତମାନ ପୁଣି ତାଙ୍କୁ ମାଡ଼ପିଟ୍ କରୁଛନ୍ତି । ଏମିତିକି ଟଙ୍କା ମାଗି ନଦେଲେ ମାଟ୍‌ପିଟ୍ କରୁଛନ୍ତି । ୪ଟା ପିଲା ଛୁଆ ଥିବା ବେଳେ ସେମାନଙ୍କ ଖର୍ଚ୍ଚ ମଧ୍ୟ ଦେଉ ନ ଥିବା ସେ ଅଭିଯୋଗ କରିଛନ୍ତି । ଏନେଇ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

## ୧ ଲକ୍ଷ ପାଇଁ ଯୌତୁକ ନିର୍ଯାତନା ଅଭିଯୋଗ

**ସମ୍ବଲପୁର, ୧୩।୪(ସମିସ):** ଶାଶୂ ଘର ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ ମହିଳା ଥାନାରେ ହୋଇଛି । ଗେଙ୍ଗୁଟିପାଲିର ଜଣେ ଯୁବତୀ ଗତ ଜାନୁଆରୀ ମାସରେ ଧନକଉଡ଼ାର ଜଣେ ଯୁବକଙ୍କୁ ବିବାହ କରିଥିଲେ । ଶାଶୂ ଘର ଲୋକ ବିବାହ ପ୍ରସ୍ତାବ ଦେଇ ତୁରନ୍ତ ବିବାହ କରିବାକୁ କହିଥିଲେ । ଯୌତୁକ ବାବଦକୁ ୫ ଲକ୍ଷ ଟଙ୍କା ଡିମାଣ୍ଡ କରିଥିଲେ । ନିର୍ବନ୍ଧ ଦିନ ୨ ଲକ୍ଷ ଟଙ୍କା ଓ ବିବାହର କିଛି ଦିନ ପୂର୍ବରୁ ୨ ଲକ୍ଷ ଟଙ୍କା ନେଇଥିଲେ । ବାକି ଥିବା ୧ ଲକ୍ଷ ପାଇଁ ବିବାହର ୮ ଦିନ ପରେ ତାଙ୍କ ଶାଶୂ ନିର୍ଯାତନା ଦେବା ଆରମ୍ଭ କରି ଦେଇଥିଲେ । ଏଥିସହ ସ୍ୱାମୀ ମଧ୍ୟ ଶାରିରୀକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ । ଏନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

## ଦୁର୍ଘଟଣାରେ ୧ ମୃତ, ୨ ଗୁରୁତର

**ସମ୍ବଲପୁର, ୧୩।୪(ସମିସ):** ସମ୍ବଲପୁର ରାଉରକେଲା ବିଜୁ ଏକ୍ସପ୍ରେସ ୱେ ଅଇଁଠାପାଲି ଥାନା ଅନ୍ତର୍ଗତ ପରଧିଆପାଲି ଛକରେ ପିକଅପ ଓ ବାଇକ ମଧ୍ୟରେ ଧକ୍କା ହୋଇଥିଲା । ଏଥିରେ ବାଇକ ଆରୋହି ବରଗଡ଼ ଜିଲ୍ଲା ଅମ୍ବାବନା ଥାନା ବାଲିଜୁରି ଗ୍ରାମର ରାଜେନ୍ଦ୍ର ଥରିଆ(୨୪)ଙ୍କ ମୃତ୍ୟୁ ଘଟିଛି । ଆକାଶ ପ୍ରଧାନ(୨୨) ଓ ରିଙ୍କୁ ପ୍ରଧାନ(୨୨) ଦୁଇଜଣ ଗୁରୁତର ଆହତ ହୋଇଛନ୍ତି । ସେମାନେ ବୁର୍ଲା ଭିମସାରରେ ଚିକିତ୍ସିତ ଅବସ୍ଥାରେ ଅଛନ୍ତି । ସୂଚନାଯୋଗ୍ୟ, ବାଇକ୍ ଓଡି-୧୭-ଜେଡ୍-୦୪୨୨ରେ ସମ୍ବଲପୁର ପଟକୁ ଫେରୁଥିଲେ । ଏହି ସମୟରେ ଗାଡ଼ିକୁ ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ରାଜେନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା । ପରେ ଦୁଇ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବୁର୍ଲା ବଡ଼ ମେଡ଼ିକାଲକୁ ପଠାଇଥିଲେ । ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ଥିବା ଜଣାପଡ଼ିଛି ।

## ଲରପଙ୍କ ବନ ସଂରକ୍ଷଣ ସମିତି ପକ୍ଷରୁ କାଠଚୋର ଦଳ ଠାବ

**ସମ୍ବଲପୁର, ୧୩।୪(ସମିସ):** ଲରପଙ୍କ ବନ ସଂରକ୍ଷଣ ସମିତି ପକ୍ଷରୁ ଆଜି ପୂର୍ବାହ୍ନ ୧୧ଟା ବେଳେ ଏକ କାଠ ଚୋରି କରିନେଉଥିବା ଦଳକୁ ଠାବ କରାଯାଇଥିଲା । ଯେଉଁମାନେ ଲକ୍ଷ୍ମୀଡୁଙ୍ଗୁରୀ ରିଜର୍ଭ ଫରେଷ୍ଟରେ ଅବାଧରେ କାଠ କାଟୁଥିବା ସୂଚନା ମିଳିଥିଲା । ଖବର ପାଇ ଲରପଙ୍କ ବନ ସଂରକ୍ଷଣ ସମିତିର ସଭାପତି ବବନ ସିଂହଙ୍କ ନେତୃତ୍ୱରେ ବନ ବିଭାଗର ପକ୍ଷରୁ ଟାଉନ ରେଞ୍ଜର, ଫରେଷ୍ଟର ଏବଂ ଅନ୍ୟାନ ବନ ବିଭାଗ କର୍ମଚାରୀଙ୍କ ସହ ଜଙ୍ଗଲରେ ତନାଘନା କରାଯାଇଥିଲା । କାଠ ଧରାପଡ଼ିଥିଲା କିନ୍ତୁ ଗଛ କାଟୁଥିବା ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ । ପ୍ରକାଶଥାଉକି, ଲକ୍ଷ୍ମୀଡୁଙ୍ଗୁରୀ ରିଜର୍ଭ ଫରେଷ୍ଟ ଏସିଆ ମହାଦେଶର ଏକ ବିଖ୍ୟାତ ପ୍ରାକୃତିକ ଶାଗୁଆନ ଜଙ୍ଗଲ । କିନ୍ତୁ ଏହି ଜଙ୍ଗଲରେ ପ୍ରଶାସନର ଅବହେଳାରୁ ଗୋଟିଏ ମଧ୍ୟ ବନରକ୍ଷୀ ନାହାନ୍ତି । ଯାହା ଦ୍ୱାରା ଜଙ୍ଗଲ କ୍ଷତି ଗ୍ରସ୍ତ ହେଉଥିବା ଅଭିଯୋଗ ହେଉଛି । ତୁରନ୍ତ ଜଙ୍ଗଲ ସୁରକ୍ଷା ପାଇଁ କଠୋର ପଦକ୍ଷେପ ନେବା ପାଇଁ ସମିତି ଦାବି କରିଛି ।

### ସମ୍ବଲପୁର ସଂସଦୀୟ କ୍ଷେତ୍ରରେ ପ୍ରଣବ ପ୍ରକାଶଙ୍କ ବିଜୟ ଅଭିଯାନର ଶଙ୍ଖଧ୍ୱନି

## ସମ୍ବଲପୁରରେ ବିଜେଡି ମିଡିଆ ସେଲ୍ କାର୍ଯ୍ୟାଳୟ ଉଦ୍‌ଘାଟିତ

**ସମ୍ବଲପୁର, ୧୩।୪(ସମିସ)**

ସ୍ଥାନୀୟ ଲକ୍ଷ୍ମୀ ଟକିଜ୍ ଛକ ନିକଟରେ ସମ୍ବଲପୁର ବିଜେଡି ମିଡିଆ ସେଲ କାର୍ଯ୍ୟାଳୟଆଜି ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ବିଜୁ ଜନତା ଦଳର ମୁଖପାତ୍ର ଲେନିନ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟାଳୟକୁ ଶୁଭ ଉଦ୍‌ଘାଟନ କରିଥିଲେ । ପ୍ରଥମେ ମା ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ଦ୍ୱୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରି ବିଜେଡି କର୍ମକର୍ତ୍ତାଙ୍କ ସହ ଗୃହ ପ୍ରବେଶ କରିଥିଲେ । ଆଗାମୀ ସାଧାରଣ ନିର୍ବାଚନରେ ଦଳର ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସମସ୍ତ ସୂଚନା ପ୍ରଦାନ କରାଯିବା ନେଇ ଶ୍ରୀ ମହାନ୍ତି କହିଥିଲେ । ସମ୍ବଲପୁରର ସମସ୍ତ ବିଜେଡି କର୍ମକର୍ତ୍ତା ମିଳିମିଶି ନିର୍ବାଚନରେ ଏକାଠି ଲଢ଼ିବାକୁ ଆହ୍ୱାନ ଦେଇଥିଲେ । । ତା ସହ ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କୁ ମାତ୍ରାଧିକ ଭୋଟ ବ୍ୟବଧାନରେ ଜୟଯୁକ୍ତ କରାଇବାକୁ କର୍ମୀମାନେ ନିଷ୍ପତ୍ତି ନେଇଥିଲେ । କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ରାଜେଶ ରାଜ ସ୍ୱାଇଁ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅନମୋଲ ଦାସ, ସମ୍ବଲପୁର ଜିଲ୍ଲା ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ଉପସଭାପତି ମଞ୍ଜୁ ଓରାମ, ସାଧାରଣ ସମ୍ପାଦକ ଉତ୍ତମ ବାଗ, ଜିଲ୍ଲା ଛାତ୍ର ସଭାପତି ଶୁଭ୍ରାଂଶୁ ପାଢ଼ୀ, ସମ୍ବଲପୁର ବିଜୁ ଯୁବ ଜନତା ଦଳର ଆଇଟି ସଂଯୋଜକ ଚିତ୍ତରଞ୍ଜନ ରାଉଳ, ଜିଲ୍ଲା ଛାତ୍ର ଜନତା ଦଳର ଆଇଟି ସଂଯୋଜକ ସଦାନନ୍ଦ ଦାସ, ସମ୍ବଲପୁର ବିଜେଡି ମିଡ଼ିଆ ପ୍ରଭାରୀ ବିରେନ ନାଗଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।







ରେଙ୍ଗାଲି ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥୀ ସୁଦର୍ଶନ ହରିପାଲ ଗୋଶାଳା ଅଞ୍ଚଳରେ ଭୋଟ ପ୍ରଚାର କରୁଛନ୍ତି

## ବଡ଼ବଜାର ହନୁମାନ ଜୟନ୍ତୀ କମିଟି ତରଫରୁ ଝଣ୍ଡାଯାତ୍ରା

**ସମ୍ବଲପୁର, ୧୩।୪ (ସମିସ):** ବଡବଜାର ହନୁମାନ ଜୟନ୍ତୀ କମିଟି ତରଫରୁ ଆଜି ସନ୍ଧ୍ୟାରେ ଝଣ୍ଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମା ସମଲେଶ୍ୱରୀଙ୍କୁ ପ୍ରଥମେ ପୂଜାର୍ଚ୍ଚନା କରାଯାଇ ଆଖଡ଼ା ବାଜା ସହିତ ରାମ ଭକ୍ତମାନେ ସମଲେଶ୍ୱରୀ ମନ୍ଦିର, ବଡବାଜର ଦୁର୍ଗା ମନ୍ଦିର, ଧୂବାପାର ଘିକୁଣ୍ଡି ମନ୍ଦିର ଛକରେ ହନୁମାନ ଝଣ୍ଡା ସ୍ଥାପନ କରିଥିଲେ । ଏହି ଶୋଭା ଯାତ୍ରାରେ ହନୁମାନ ଜୟନ୍ତୀ କମିଟିର ସଭାପତି ସୁଧୀର ରଞ୍ଜନ ବହିଦାର ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଇନ୍ଦ୍ରନୀଲ ବାବୁ, ସରୋଜ ସାହୁ, ମନୋଜ ଫାଲସା ନୀୟ, ଘନ ପଟେଲ, ଅନିଲ ସୁନା, କିଶୋର ମେହେର, ମହେନ୍ଦ୍ର କୁମାର ଠାକୁର, ସଞ୍ଜୟ ସାହୁ ସମ୍ପାଦକ ସନ୍ତୋଷ ବେହେରା, ଅଭିନାଶ ମିତ୍ର, କୁନ୍ଦନ ପ୍ରଧାନ, କୁନାଲ ବାଗ, କୁନାଲ ପ୍ରଧାନ, ଚନ୍ଦନ ଦାସ, ରାଜୀବ ସିଂ, ବିକାଶ କୁଷ୍ଟା, ସଚିନ ଜେନା, ହରିଶଙ୍କର ମହାକୁର, ବବଲୁ ଷଣ୍ଢ, ପ୍ରିୟାଂଶୁ ନାଗ ପ୍ରମୁଖ କାର୍ଯକର୍ତ୍ତା ଯୋଗ ଦେଇଥିଲେ ।



## ହୀରାକୁଦ ଲକ୍ଷ୍ମୀନାରାୟଣ ମନ୍ଦିରରେ ଶ୍ରୀରାମ ମହୋତ୍ସବ

**ସମ୍ବଲପୁର, ୧୩।୪ (ସମିସ):** ହୀରାକୁଦ ସ୍ଥିତ ଲକ୍ଷ୍ମୀ ନାରାୟଣ ମନ୍ଦିର ଠାରେ ଶ୍ରୀରାମ ମହୋତ୍ସବ ଆୟୋଜିତ ହୋଇଛି । ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗଦଳ ପକ୍ଷରୁ ମିଳିତ ଭାବରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦ ରାଷ୍ଟ୍ରୀୟ ସହ ସଂଗଠନ ମନ୍ତ୍ରୀ ବିନାୟକ ରାଓ ଦେଶପାଣ୍ଡେ, ବିଶ୍ୱହିନ୍ଦୁ ପରିଷଦ ଓଡ଼ିଶା ପଶ୍ଚିମ ପ୍ରାନ୍ତର ସଭାପତି ଡାକ୍ତର ରାଜକୁମାର ବଡ଼ପଣ୍ଡା, ପ୍ରାନ୍ତ ସମ୍ପାଦକ ଭକ୍ତଚରଣ ସାହୁ, ପ୍ରାନ୍ତ ସଂଗଠନ ମନ୍ତ୍ରୀ ସତ୍ୟନାରାୟଣ ସେନାପତି, ବଜରଙ୍ଗଦଳ ପ୍ରାନ୍ତ ସଂଯୋଜକ ରାମଚନ୍ଦ୍ର ନାଏକ, ବିଶ୍ୱହିନ୍ଦୁ ପରିଷଦ ପ୍ରାନ୍ତ ସେବା ପ୍ରମୁଖ ବିପିନ ଗଡ଼ନାୟକ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ । ଏଥିରେ ଲବ ଜେହାଦକୁ ରୋକିବା ସହ ହିନ୍ଦୁତ୍ୱର ଅଧିକ ପ୍ରଚାର, ଧର୍ମାନ୍ତରୀକରଣ ସମ୍ପୂର୍ଣ୍ଣ ବନ୍ଦ କରାଯିବା ଉପରେ ଆଲୋଚନା ହୋଇଥିଲା । ବଜରଙ୍ଗ ଦଳ ସମ୍ବଲପୁର ମହାନଗର ସଂଯୋଜକ ବିକାଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଶହଶହ ସଂଖ୍ୟାରେ ରାମଭକ୍ତମାନେ ଉପସ୍ଥିତ ଥିଲେ । ସୁବାସ ଡାକୁଆ, କାର୍ତ୍ତିକ ପାତ୍ର, ଆକାଶ ବେହେରା, ଅଭିଷେକ କଲେତ, ସୁନିଲ ଗଡ୍ଡୁୱାଲ, ସୁବାଷିନି ବେହେରା, ଗିତାଞ୍ଜଳି ସ୍ୱାଇଁ, ବାସନ୍ତୀ ପାଣିଗ୍ରାହୀ, ସବିତା ହୋତା ପ୍ରମୁଖ ଉପସ୍ଥିତ ଥିଲେ ।

## ବସନ୍ତପୁରରେ ୨୪ ପ୍ରହର ନାମଯଜ୍ଞ

**ସମ୍ବଲପୁର, ୧୩।୪ (ସମିସ):** ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ ବସନ୍ତପୁର ଗ୍ରାମରେ ୨୪ ପହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ମୁନୁ ପାଣିଗ୍ରାହୀଙ୍କ ପୌରହିତରେ କର୍ତାଭାବେ ରୁପେଶ ପ୍ରଧାନ ଓ ତାଙ୍କ ଧର୍ମପତ୍ନୀ ସିନ୍ଧୁଲୟା ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ । ଗୁରୁବାର ନାମଯଜ୍ଞରେ ପୂର୍ଣ୍ଣାହୂତି ହୋଇଥିଲା । ବିଭିନ୍ନ ଅଞ୍ଚଳରୁ ସଂକୀର୍ତନ ଦଳମାନେ ଆସି କୀର୍ତ୍ତନ ପରିବେଷଣ କରିଥିଲେ । ପୂର୍ଣ୍ଣାହୂତି ଉତ୍ସବରେ ଗ୍ରାମର ଶତାଦ୍ଧିକ ଲୋକ ଯୋଗ ଦେଇଥିଲେ । ନାମଯଜ୍ଞ କମିଟିର ପିଣ୍ଟୁ, ସୁନୀଲ, କାଏରା, ସୁଦାମ, ଅସୀମ, ସୁଜିତ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ ।

## ଭିସୁଟ୍‌ରେ ଜାତୀୟସ୍ତରୀୟ ସିମ୍ପୋସିୟମ୍ 'ରେଜୋନାନ୍ସ'

**ବୁର୍ଲା, ୧୩।୪(ସମିସ):** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ବା ଭିସୁଟ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ସୋସାଇଟି ପକ୍ଷରୁ




ଜାତୀୟସ୍ତରୀୟ ସିମ୍ପୋସିୟମ୍ 'ରେଜୋନାନ୍ସ' ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କୁଳପତି ପ୍ରଫେସର ବଂଶୀଧର ମାଝୀ, ମୁଖ୍ୟ ଅତିଥି ପ୍ରଫେସର ପିକେ ହୋତା, ଇଲେକ୍ଟ୍ରିକାଲ ସ୍କୁଲ ଅଫ୍ ସାଇନ୍ସର ମୁଖ୍ୟ ପ୍ରଫେସର ହରିଶ କୁମାର ସାହୁ, ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂର ଏଚ୍‌ଓଡି ଡ. ପାପିଆ ରାୟ, ସମ୍ମାନିତ ଅଧ୍ୟାପକ ପରାମର୍ଶଦାତା ଡ. ସାଗରିକା ରାଉତ, ଡ. ବିନୀତା ସୋରେନ୍ ପ୍ରମୁଖ ଉପସ୍ଥିତ ଥିଲେ । ଏନେଇ ଏକ ଆଲୋଚନା ଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନାଚକ୍ରରେ ଭିଏସ୍‌ଏସୟୁଟି ଏବଂ ଦେଶବ୍ୟାପୀ ଅନ୍ୟାନ୍ୟ ସମ୍ମାନଜନକ ଅନୁଷ୍ଠାନର ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ପେପର ଏବଂ ପୋଷ୍ଟର ଉପସ୍ଥାପନା ସମେତ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ସିମ୍ପୋସିୟମରେ ନୂତନତା ଓ ବୈଷୟିକ ଦକ୍ଷତା ସୃଷ୍ଟି ହୋଇଥିଲା । ଏହି କାର୍ଯ୍ୟକ୍ରମ ଆମ ସମାଜକୁ ଆକାର ଦେଉଥିବା ଇଞ୍ଜିନିୟରିଂ ଉଦ୍ଭାବନଗୁଡ଼ିକୁ ପ୍ରଦର୍ଶିତ କରିବା ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଥିଲା । ଆୟୋଜକ ଅନୁଷ୍ଠାନ ବାହାରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକରୁ ୨୫ରୁ ୩୦ଟି ପେପର ଦାଖଲ କରାଯାଇ ଏହାର ଜାତୀୟ ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଟେକ୍ନିଭିଆ, ଟ୍ରେଜର ହଣ୍ଟ ଏବଂ ସର୍କୁଟ୍ରୋନ୍ ପରି ବୈଷୟିକ ପ୍ରତିଯୋଗିତାରେ ଅଂଶଗ୍ରହଣକାରୀମାନେ ଆହ୍ୱାନକୁ ଉତ୍ସାହିତ କରିବାରେ ନିୟୋଜିତ ହୋଇଥିଲେ, ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଡିର ମୂଳ ନୀତି ଉପରେ ଗୁରୁତ୍ୱାରୋପ କରିଥିଲେ ।

## ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ପ୍ରସାଦ ବଣ୍ଟନ




**ବୁର୍ଲା, ୧୩।୪(ସମିସ):** ଏମସିଏଲ ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ଜାଗୃତି ଭବାନୀ ମନ୍ଦିର ନିକଟରେ ନବରାତ୍ର ଉପଲକ୍ଷେ ଶ୍ରଦ୍ଧାଳୁଙ୍କୁ ଶୁଖିଲା ଭୋଗ ବଣ୍ଟନ କରିଛନ୍ତି । ମଣ୍ଡଳର ସଭାପତି ସୁବର୍ଣ୍ଣା କାଓଲେ, ଉପସଭାପତି ଅଳ୍ପନା ଶୁକ୍ଳା ରାଓ, ରଶ୍ମୀ ବେହୁରା, ଅଞ୍ଜଳି ବାପ୍ତଙ୍କ ମିଳିତ ସହଯୋଗରେ ପ୍ରସାଦ ବଣ୍ଟନ କରାଯାଇଥିଲା । ଶଦ୍ଧାଳୁଙ୍କୁ ଗୁଡ, ବାଦାମ, ଓ ସରବତ ପ୍ରଦାନ କରାଯାଇଥିଲା । ଏହି ଶୁଭ ଅବସରରେ ଜଗରୀ ମହିଳା ମଣ୍ଡଳଙ୍କ ଦ୍ୱାରା ଏକ ମହାନ୍ ଉଦ୍ୟମ କରାଯାଇଥିଲା । ମଣ୍ଡଳ କୋଷାଧ୍ୟକ୍ଷ ଅନୀତା ଗର୍ଗ, ମିଳିନା ପ୍ରିୟଦର୍ଶିନୀଙ୍କ ସମେତ ବହୁ ସଦସ୍ୟ ଏହି ସାମାଜିକ କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ସମ୍ବଲପୁର ମଣ୍ଡଳ ପକ୍ଷରୁ ସ୍ୱଚ୍ଛ ପାନୀୟ ଜଳ ଉପଲବ୍ଧ ପାଇଁ ଅଭିଯାନ

**ସମ୍ବଲପୁର, ୧୩।୪(ସମିସ)**

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ସମ୍ବଲପୁର ରେଳମଣ୍ଡଳ ଷ୍ଟେସନ ଗୁଡ଼ିକରେ ତଥା ଟ୍ରେନ ଗୁଡ଼ିକରେ ସ୍ୱଚ୍ଛ ତଥା ଥଣ୍ଡା ପାନୀୟ ଜଳ ଉପଲବ୍ଧ କରି ଯାତ୍ରୀ ସୁବିଧାକୁ ବୃଦ୍ଧି କରିବାପାଇଁ ସକ୍ରିୟ ପଦକ୍ଷେପ ନେଇଛି । ଭାରତୀୟ ରେଳର ସମସ୍ତ ଷ୍ଟେସନରେ ଯାତ୍ରୀମାନଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ରେଳ ମନ୍ତ୍ରଣାଳୟ ପ୍ରତିବଦ୍ଧ । ଗ୍ରୀଷ୍ମ ସମୟରେ ଏବଂ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରେଳ ମନ୍ତ୍ରଣାଳୟ ଷ୍ଟେସନ ଗୁଡ଼ିକରେ ପାନୀୟ ଜଳର ଉପଲବ୍ଧତା ସମୀକ୍ଷା କରିଛି ଏବଂ ପର୍ଯ୍ୟାପ୍ତ ଯୋଗାଣ ନିଶ୍ଚିତ କରିବାକୁ ଜୋନାଲ ରେଳବାଇ ଓ ରେଳ ମଣ୍ଡଳ ଗୁଡ଼ିକୁ ନିର୍ଦ୍ଦେଶ ଜାରିକରିଛି । ଏହି ଅନୁଯାୟୀ ସମସ୍ତ ଷ୍ଟେସନରେ ସମ୍ବନ୍ଧିତ ନିୟମ ଅନୁଯାୟୀ ଯାତ୍ରୀମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାକୁ ଚେଷ୍ଟା କରାଯାଉଛି । ସମ୍ଭାବ୍ୟ ଗ୍ରୀଷ୍ମ ମାସରେ ଏହି ପ୍ରୟାସକୁ ଆହୁରି ଦୃଢ କରିବାକୁ ପୂର୍ବତଟ ରେଳପଥ, ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଅଛି । ସମସ୍ତ ବିଦ୍ୟମାନ ୱାଟର କୁଲର ଗୁଡ଼ିକ କାର୍ଯ୍ୟକ୍ଷମ ଏବଂ ଯାତ୍ରୀଙ୍କ ଚାହିଦା ପୂରଣ କରିବାକୁ ସୁନିଶ୍ଚିତ କରିବା । ସମ୍ବେଦନ ଷ୍ଟେସନ ଗୁଡିକରେ ଜଳ ଯୋଗାଣ ପାଇଁ ଆବଶ୍ୟକ ଅନୁଯାୟୀ ୱାଟର ଟ୍ୟାଙ୍କର୍ ନିୟୋଜନ କରିବା । ସମସ୍ତ ପ୍ଲାଟଫର୍ମରେ ଜଳ ଉପଲବ୍ଧତା ସୁନିଶ୍ଚିତ କରିବାକୁ ଷ୍ଟେନରେ ନିୟମିତ ଯାଞ୍ଚ କରିବା । ଶୀତଳ ପାନୀୟ ଜଳ ବଣ୍ଟନ ପାଇଁ ବିଶେଷ କରି ମହିଳା ସ୍ୱୟଂ ସହାୟକ ସଂସ୍ଥା, ଏନଜିଓ ସ୍କାଉଟସ୍ ଏବଂ ଗାଇଡ଼ ଏବଂ ଅନ୍ୟାନ୍ୟ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଠାରୁ ସକ୍ରିୟ ଭାବେ ସହାୟତା ନିଆଯିବ । ଜଳ ଅଭାବରେ ସମ୍ମୁଖୀନ ହେଉଥିବା ଅଞ୍ଚଳରେ ରେଳ କର୍ତ୍ତୁପକ୍ଷ ମ୍ୟୁନିସିପାଲଟୀ କର୍ପୋରେସନ ରାଜ୍ୟ ସରକାରଙ୍କ ସହ ସହଯୋଗ କରିଛନ୍ତି ଏବଂ ବିକଳ୍ପ ଜଳ ଯୋଗାଣ ସମାଧାନ ଅନୁସନ୍ଧାନ ଜାରି ରଖିଛନ୍ତି । ଲଗାତାର ଜଳ ଉପଲବ୍ଧତାକୁ ସୁନିଶ୍ଚିତ କରିବା ଏବଂ କୌଣସି ଜରୁରୀ ସ୍ଥିତି ପାଇଁ ଉପୁଜୁଥିବା ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ରେଳ କର୍ମଚାରୀଙ୍କ ଦ୍ୱାରା ଘଣ୍ଟା ଘଣ୍ଟା ମନିଟରିଙ୍ଗ ପାଇଁ ଏକ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି । ସମସ୍ତ ଯାତ୍ରୀଙ୍କ ପାଇଁ ଆରାମଦାୟକ ତଥା ସୁବିଧାଜନକ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବାକୁ ରେଳ ମନ୍ତ୍ରଣାଳୟ ପ୍ରତିବଦ୍ଧ । ଏହି ସକ୍ରିୟ ପଦକ୍ଷେପ ଗୁଡ଼ିକ ସମ୍ପୂର୍ଣ୍ଣ ଗ୍ରୀଷ୍ମ ଋତୁରେ ଷ୍ଟେସନ ଗୁଡ଼ିକରେ ବିଶୁଦ୍ଧ ପାନୀୟଜଳର ସହଜ ଉପଲବ୍ଧତାକୁ ସୁନିଶ୍ଚିତ କରିବାକୁ ରଖାଯାଇଛି ।






## ଅଇଁଠାପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛତା ପକ୍ଷ




**ସମ୍ବଲପୁର, ୧୩।୪(ସମିସ):** ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଇଁଠାପାଲି ଠାରେ ଆଜି ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଦିଲୀପ କୁମାର ନନ୍ଦଙ୍କ ପରିଚାଳନାରେ ୩୦ରୁ ଉର୍ଦ୍ଧ ସ୍ୱାସ୍ଥ୍ୟ କର୍ମଚାରୀ, ଆଶା ଓ ସ୍ୱେଚ୍ଛାସେବୀମାନେ ଭାଗ ନେଇଥିଲେ । ପ୍ରଥମେ ଡାକ୍ତରଖାନା ମଧ୍ୟରେ ସ୍ୱଚ୍ଛତା ପକ୍ଷ ଉପରେ ଏକ ଆଲୋଚନା ଚକ୍ର ଡାକ୍ତର ସନ୍ତୋଷ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା । ଡାକ୍ତର ସାହୁ କହିଥିଲେ ଯେ ସ୍ୱଚ୍ଛତା ଅଭିଯାନ ପ୍ରଥମେ ନିଜ ଘରୁ ଆରମ୍ଭ କରି ନିଜେ ସଫାସୁତୁରା ରହି ଅନ୍ୟକୁ ସଫା ସୁତାରର ଉପକାରିତା ଉପରେ ବୁଝାଇବା ଏହାର ଲକ୍ଷ୍ୟ ବୋଲି କହିଥିଲେ । ପରେ ଡାକ୍ତରଖାନାର ସମସ୍ତ କର୍ମଚାରୀ ଡାକ୍ତରଖାନା ପରିସରକୁ ସଫାକରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜୟ ବନଛୋର, ସୋଭାଗ୍ୟ ପାତ୍ର, ଗୌରାଙ୍ଗ ପ୍ରଧାନ, ଯାଜ୍ଞସେନୀ ସାହୁ, ପ୍ରୀତିମଞ୍ଜରୀ ସାହୁ, ସିରେନ୍ଦ୍ରୀ ବାରଲା ଜଗଦୀଶ ଅଦାବର, ନବୀନ ବେହେରା, ପ୍ରଣତି ପ୍ରୁସେଠ, ସ୍ନେହା ଗଡ଼ନାୟକ, ଅନିତା ଷଣ୍ଢ, ବସନ୍ତ ମେହେର ପ୍ରଭୃତି ସହଯୋଗ କରିଥିଲେ ।